ସକାଳ THE SAKALA



### ଗଞ୍ଜାମର ୧୪୯ଟି ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# 'ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିଛି ରୂପାନ୍ତରଣ'

**ବ୍ରହ୍ମପୁର,୧୧।୧(ସମିସ):** ଓଡ଼ିଶାରେ ଚାଲିଛି ରୂପାନ୍ତରଣର ଧାରା। ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିଛି '୫-ଟି' ରୂପାନ୍ତରଣ କାର୍ଯ୍ୟକ୍ରମ। ଗଞ୍ଜାମରୁ ଆରମ୍ଭ ହୋଇଥିବା ଏହି ଧାରା ରାଜ୍ୟର କୋଣ ଅନୁକୋଣରେ ପହଞ୍ଚିଛି। ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ହାଇସ୍କୁଲ ରୂପାନ୍ତରିତ ହେବାରେ ଲାଗିଛି। ଏହିକ୍ରମରେ ଚତୁର୍ଥ ପର୍ଯ୍ୟାୟରେ '୫-ଟି' ଉପକ୍ରମରେ ଗଞ୍ଜାମ ଜିଲ୍ଲାର ୧୪୯ଟି ରୂପାନ୍ତରିତ ସ୍ମାର୍ଟସ୍କୁଲକୁ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସ୍କୁଲ ରୂପାନ୍ତରଣର ଧାରାରେ ଗୁରୁବାର ୫ଟି ଜିଲ୍ଲାର ୩୮୯ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଥିବା ବେଳେ ତନ୍ମଧ୍ୟରୁ ଗଞ୍ଜାମର ସର୍ବାଧିକ ରହିଥିବା ଜଣାଯାଇଛି। ଏନେଇ ଗଞ୍ଜାମ ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଛତ୍ରପୁର ବ୍ଲକର ୮ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ



**ଛତ୍ରପୁର:** ଚତୁର୍ଥ ପର୍ଯ୍ୟାୟରେ ଛତ୍ରପୁର ବ୍ଲକ ଅଞ୍ଚଳର ୮ଟି ରୂପାନ୍ତରିତ ହାଇସ୍କୁଲକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଭିକାରିପଲ୍ଲୀ ପଞ୍ଚାୟତର ହରିହରେଶ୍ୱର ହାଇସ୍କୁଲରେ ସ୍ଥାନୀୟ ସରପଞ୍ଚ ମମତା ସୁବୁଦ୍ଧି, ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳଙ୍କ ସହ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ବିଦ୍ୟାର୍ଥୀ ଓ ପୂର୍ବତନ ବିଦ୍ୟାର୍ଥୀମାନେ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ଲୋକାର୍ପଣ ଉତ୍ସବ ଦେଖିବା ସହିତ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ। ବ୍ଲକର ୮ଟି ହାଇସ୍କୁଲ ମଧ୍ୟରୁ ଆର୍ଯ୍ୟପଲ୍ଲୀ ହାଇସ୍କୁଲ, ଛତ୍ରପୁରର ପୁଲିସ ହାଇସ୍କୁଲ, ଭିକାରୀପଲ୍ଲୀ ହରିହରେଶ୍ୱର ପଞ୍ଚାୟତ ହାଇସ୍କୁଲ, କଣମଣା ଗ୍ରାମ ପଞ୍ଚାୟତର ଶ୍ରମଶକ୍ତି ବିଦ୍ୟାପୀଠ, ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସରସ୍ୱତୀ ଗାର୍ଲସ ହାଇସ୍କୁଲ, ଟାଙ୍ଗଣାପଲ୍ଲୀ ଗ୍ରାମ ପଞ୍ଚାୟତର ହରଗୌରୀ ଗାର୍ଲସ ହାଇସ୍କୁଲ, ଲକ୍ଷ୍ମୀପୁର ଗ୍ରାମ ପଞ୍ଚାୟତର ରାଧାକ୍ରିଷ୍ଣା ହାଇସ୍କୁଲ ଓ ଗୋବିନ୍ଦପୁର ହାଇସ୍କୁଲ ପ୍ରମୁଖ ରହିଛି।

## ଶିଶୁ ଖୁସି ରହିଲେ ଦେଶ ଖୁସିରେ ରହିବ: ରାଜ୍ୟପାଳ



**ଗଞ୍ଜାମ, ୧୧।୧(ସମିସ):** ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ଅଙ୍ଗନବାଡ଼ି କେନ୍ଦ୍ର-୪ ପୋଷଣ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ହସିଲେ ଦେଶ ହସିବ ଶିଶୁମାନେ ଖୁସି ରହିଲେ ଦେଶ ଖୁସି ରହିବ ବୋଲି ପ୍ରକାଶ କରିଥିଲେ। ରାଜ୍ୟପାଳ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିବା ପରେ ଏଡିଏମ ଲିନା କୁମାରୀ ଖେସ, ଆରକ୍ଷୀ ଅଧିକ୍ଷକ ଜଗ ମୋହନ ମିନା, ଗଞ୍ଜାମ ସମିତି ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ ମଲିକ, ଡ଼ିଏସଡ଼ବ୍ଲ୍ୟୁଓ ଅବିନା ପରବିନ, ସିଡିପିଓ ସଲୀଳା ପ୍ରଧାନ, ଡ଼ି ସି ପୋଷଣ ଅମିତ କୁମାର ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଜାନକୀ ଦାସ, ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ପୋଷଣ ବ୍ଲକ କୋଡିନେଟର ସୁଜାତା ବେହେରା, ସୁପରଭାଇଜର ଭାରତୀ ବ୍ରହ୍ମା ଅଙ୍ଗନବାଡି କର୍ମୀ ପ୍ରମିଳା ବିଶ୍ୱାଳ, ସାହାୟିକା ପୁନି ବେହେରା ପ୍ରମୁଖ ମହାମହିମ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କେନ୍ଦ୍ର ମଧ୍ୟରେ କୁନି କୁନି ଶିଶୁମାନେ ତାଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ ଜଣାଇଥିଲେ। ପ୍ରତ୍ୟେକ ଶିଶୁଙ୍କୁ ରାଜ୍ୟପାଳ ଚକଲେଟ ପ୍ରଦାନ କରିଥିଲେ। ମହିଳା ସୁନିତା ଜେନା ୭ମାସର ପୁତ୍ର ପିୟୁଷଙ୍କୁ କୋଳରେ ଧରି ଅନ୍ନ ପ୍ରସନ୍ନ କରିଥିଲେ। ଅଙ୍ଗନବାଡି କର୍ମୀ ସରିତା କୁମାରୀ ବେହେରା, ସୁଜ୍ଞାନୀ ପଣ୍ଡା ପ୍ରମୁଖଙ୍କ ସହ ସ୍ଥାନୀୟ ବ୍ଲକ ଓ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ କାର୍ଯ୍ୟକ୍ରମର ସୁପରିଚାଳନା କରାଯାଇଥିଲା। ସ୍ଥାନୀୟ ପୁଲିସ ପ୍ରଶାସନ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ସ୍ଥାନୀୟ ଅଞ୍ଚଳର ଲବଣ ଚାଷୀଙ୍କ ସମସ୍ୟା ସମ୍ପର୍କରେ ବାସିନ୍ଦା ତ୍ରିନାଥ ସାହୁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ୯୩୭ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ



**ଆସିକା, ୧୧।୧(ସମିସ):** ଆସିକା ତହସିଲ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ମେଳା ଗ୍ରାମକଣ୍ଠ ଓ ଘରବାରୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇ ଆସିକା ବ୍ଲକର ୨୭ଟି ପଞ୍ଚାୟତର ୯୩୭ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ତ୍ରିବେଣୀ ନାହାକ ଯୋଗ ଦେଇ ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ଖୁବ ଶୀଘ୍ର କାର୍ଯ୍ୟକାରୀ ହେଉଥିବା କହିଛନ୍ତି। ଅତିରିକ୍ତ ତହସିଲଦାର ଦେବି ପ୍ରସାଦ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରିୟବ୍ରତ ପାଲକ, ବ୍ଲକ ଉପାଧ୍ୟକ୍ଷ ରେଶମା ଦୋରାଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଆସିକା ତହସିଲର ବିଭିନ୍ନ ପଞ୍ଚାୟତରେ ମୋଟ ୭୩୫୬ ଗ୍ରାମକଣ୍ଠ କେସ ଥିବାବେଳେ ସେଥି ମଧ୍ୟରୁ ୭୦୯୮ଟି କେସ ଫଇସଲା ହୋଇ ୪୨୭୫ଟି ପଟ୍ଟା ବଣ୍ଟନ ହୋଇଯାଇଛି।

## ଲଘୁ ଖଣିଜ ସମ୍ପଦ ପରିଚାଳନା କମିଟି ବୈଠକ



**ଛତ୍ରପୁର, ୧୧।୧(ସମିସ):** ଗଞ୍ଜାମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଗୁରୁବାର ଗଞ୍ଜାମ ଜିଲ୍ଲାସ୍ତରୀୟ ଲଘୁ ଖଣିଜ ସମ୍ପଦ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ରୋକିବା ନିମନ୍ତେ ବିଭାଗ ପକ୍ଷରୁ ଅଧିକରୁ ଅଧିକ ଏନଫୋର୍ସମେଣ୍ଟ କରିବାକୁ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣି ବିଭାଗ ପକ୍ଷରୁ ଛତ୍ରପୁର ଓ ବ୍ରହ୍ମପୁର ଉପଖଣ୍ଡସ୍ତରର ବିଭିନ୍ନ ଅଞ୍ଚଳରେ ଏନଫୋର୍ସମେଣ୍ଟ କରାଯାଇ ଗତ ଡିସେମ୍ବର ୨୦୨୩ରେ ୨୮ଟି ଗାଡ଼ିକୁ ଜବତ କରାଯାଇଥିବାବେଳେ ସେମାନଙ୍କ ଠାରୁ ୧୦, ୭୭, ୦୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଚଳିତ ବର୍ଷ ର ଚଳିତ ମାସ ରେ ଆଜି ସୁଦ୍ଧା ୧୩ଟି ଗାଡି କୁ ସିଜ କରାଯାଇଥିବା ବେଳେ ସେମାନଙ୍କ ଠାରୁ ୬, ୭୦, ୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି, ଏହା ସହିତ ୯୦ ଟି ଉତ୍ସ କାର୍ଯ୍ୟକ୍ଷମ ହୋଇଥିବା ବେଳେ ୫୪ଟିକୁ ଇ -ପାସ ମିଳିଛି ଆଉ ବଳକା ଉତ୍ସକୁ ଇ -ପାସ ଖୁବ ଶୀଘ୍ର ପ୍ରଦାନ କରିବାକୁ କୁହାଯାଇଛି। ସେହିପରି ଭଞ୍ଜନଗର ଉପଖଣ୍ଡସ୍ତର ଅଞ୍ଚଳର ବିଭିନ୍ନ ସ୍ଥାନରେ ଏନଫୋର୍ସମେଣ୍ଟ କରାଯାଇ ଡିସେମ୍ବର ୨୦୨୩ରେ ୧୬ଟି ଗାଡିକୁ ଜବତ କରାଯାଇଥିବା ବେଳେ ସେମାନଙ୍କ ଠାରୁ ୫, ୩୫, ୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଳିତ ବର୍ଷ ର ଚଳିତ ମାସରେ ବର୍ତ୍ତମାନ ସୁଦ୍ଧା ୩ଟି ଗାଡିକୁ ଜବତ କରାଯାଇଥିବା ବେଳେ ସେମାନଙ୍କ ଠାରୁ୧, ୨୦, ୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ବୈଠକରେ ଖଣି ଉପନିର୍ଦ୍ଦେଶକ ପ୍ରିୟଦର୍ଶୀ ସନ୍ଦୀପ କୁମାର ବଳ, ଖଣି ଅଧିକାରୀ (ବ୍ରହ୍ମପୁର ଓ ଛତ୍ରପୁର ଉପଖଣ୍ଡ )କୀର୍ତ୍ତି ରଞ୍ଜନ ସେଠ, ଖଣି ଅଧିକାରୀ (ଭଞ୍ଜନଗର ଉପଖଣ୍ଡ )ଅକ୍ଷୟ କୁମାର ସାମଲ, ଅଧିନସ୍ତ ଖଣି ଅଧିକାରୀ ରାଜବାବୁ ତନ୍ତିଙ୍କ ସମେତ ଭଞ୍ଜନଗର ଘୁମୁସର, ନର୍ଥ ଏବଂ ସାଉଥ ଡିଭିଜନର ଡ଼ିଏଫଓ ଉପସ୍ଥିତ ଥିଲେ।

## ବ୍ଲକ କଂଗ୍ରେସ ସଭାପତିଙ୍କ ନୂତନ ଟିମ୍ ଗଠିତ

**କୁକୁଡ଼ାଖଣ୍ଡି, ୧୧।୧(ସମିସ):** ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱ ଓ ବ୍ଲକ ସଭାପତି ପି. ଶିବପ୍ରସାଦ ଦୋରାଙ୍କ ସହଯୋଗରେ ଦକ୍ଷିଣପୁରସ୍ଥିତ ମା' ତ୍ରିଶକ୍ତି ମନ୍ଦିର ସମ୍ମୁଖରେ କୁକୁଡ଼ାଖଣ୍ଡି ବ୍ଲକ କଂଗ୍ରେସ କର୍ମକର୍ତ୍ତାଙ୍କୁ ନେଇ ଜୋନ୍‌ସ୍ତରୀୟ କମିଟି, ବ୍ଲକ କମିଟିସ୍ତରୀୟ ଓ ପଞ୍ଚାୟତସ୍ତରୀୟ କମିଟି ଚୟନ କରାଯାଇଛି। କାର୍ଯ୍ୟକ୍ରମକୁ କୁକୁଡ଼ାଖଣ୍ଡି ବ୍ଲକ କଂଗ୍ରେସ ସଭାପତି ପି.ଶିବପ୍ରସାଦ ଦୋରା ପରିଚାଳନା କରିଥିଲେ। ଏହି ସଭାରେ କୁକୁଡ଼ାଖଣ୍ଡି ବ୍ଲକ କଂଗ୍ରେସର ଦୁଇ ଜଣ ଉପସଭାପତି ଭାବେ ( ବାବୁ ଗୌଡ଼, ମନୋରମା ରାଉଳ), ସାଧାରଣ ସମ୍ପାଦକ ଭାବେ (ମନୋଜ ସେଠୀ, ରାମନାଥ ସାହୁ), ପାଞ୍ଚଟି ସମ୍ପାଦକ ଓ ଗୋଟିଏ କୋଷାଧ୍ୟକ୍ଷ ଭାବେ ଅଦଳ ଭରତ)ଙ୍କୁ ଚୟନ କରାଯାଇଛି। ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ନବନିଯୁକ୍ତ ଯୁବ ସଭାପତି ଅରୁଣ ଭୁୟାଁ, ସିହଳା ପଞ୍ଚାୟତ ଉପନିର୍ବାଚନରେ ବିଜୟୀ ହୋଇଥିବା ସରପଞ୍ଚ ଓ ରାଜ୍ୟ କିସାନ କଂଗ୍ରେସ ଉପସଭାପତି ବୃନ୍ଦାବନ ଖଟେଇଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଦଳ, ଭରତ, ଅରୁଣ କୁମାର ଭୁୟାଁ, ପ୍ରଶାନ୍ତ କୁମାର ବିଷୋୟୀ, ସୁଶାନ୍ତ ପାଣି, ଦୁଃଖିଶ୍ୟାମ ପାତ୍ର, ସୁକାନ୍ତ ପାତ୍ର, ମନୋରମା ରାଉଳଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସମସ୍ତ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ନୂତନ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ।

## ଧରାକୋଟ ବ୍ଲକରେ 'ଅର୍ପଣ ରଥ' ପରିକ୍ରମା



**ଧରାକୋଟ,୧୧।୧(ସମିସ):** ଧରାକୋଟ ବ୍ଲକର ଢଉଗାଁ, ଝରପାରି, ସିଙ୍ଗିପୁର, ବଳରାମପୁର ସାବା ଓ ଧରାକୋଟ ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥକୁ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ରାଜଜେମା ଶାନ୍ତିପ୍ରିୟା ଗୀତାଞ୍ଜଳି, ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ଜିଲ୍ଲା ବିଜେଡି ଉପ ସଭାପତି ରବୀନ୍ଦ୍ର ଘୋଷ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବଳବନ୍ତ ସିଂ, ସରପଞ୍ଚ ପୁନିଆ ଦାସ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ବିଡିଓ ଡେନିସ ବେହେରାଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଦସ୍ୟ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ସେଠୀ, ଗ୍ରାମ ରୋଜଗାର ସେବକ ଗୋପାଳ ହରି ଗୌଡ଼, ବ୍ୟାଙ୍କମିତ୍ର ସଂଯୁକ୍ତା ପଟ୍ଟନାୟକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସିଆରପି ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଆଖୁ ଚାଷୀଙ୍କ ବାର୍ଷିକ ସମାବେଶ



**ଆସିକା,୧୧।୧(ସମିସ):** ଆସିକା ଚିନିଶିଳ୍ପ କୃଷକ ଭବନ ପରିସରରେ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀଙ୍କ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଖୁ ଚାଷୀ ସଙ୍ଘ ସଭାପତି ସମୀର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଚିନିଶିଳ୍ପ ସଭାପତି ରବୀନ୍ଦ୍ର ପଣ୍ଡା, କେନ ମ୍ୟାନେଜର ପ୍ରଶାନ୍ତ କୁମାର ପାଢ଼ୀ, ଆଖୁ ଚାଷୀ ନେତା ରାଘବ ସିହ, ଶ୍ରମିକ ନେତା ବିଦେଶୀ ନାହାକ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବରାଡ଼, ଲଳିତ ମୋହନ ଦାସ, ବିଶେଶ୍ୱର ପ୍ରଧାନ ମଞ୍ଚାସିନ ଥିବାବେଳେ ପାଞ୍ଚ ଦଫା ଦାବି ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଆଖୁ ଟନ ପିଛା ୪ ହଜାର ଟଙ୍କା ଧାର୍ଯ୍ୟ, ଚାଷୀ ମାନଙ୍କ ନିମନ୍ତେ ସରକାର ଦେଉଥିବା ପ୍ରୋତ୍ସାହନ ରାଶି ୨ କୋଟି ୬୬ ଲକ୍ଷ ଟଙ୍କା ପ୍ରଦାନ, ଆଖୁ ଚାଷ ନିମନ୍ତେ ଠିକ ସମୟରେ ଚାଷୀଙ୍କୁ ସାର, ବିହନ ପ୍ରଦାନ ଭଳି ବିଭିନ୍ନ ଦାବି ନେଇ ଆଲୋଚନା ହୋଇଥିଲା।

## କଲ୍ୟାଣ ମଣ୍ଡପର ଶିଳାନ୍ୟାସ କଲେ ବିଧାୟକ



**ବୁଗୁଡ଼ା, ୧୧।୧(ସମିସ):** ସ୍ଥାନୀୟ ସୋମନାଥ ମନ୍ଦିର ପରିସରରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏହାର ଶିଳାନ୍ୟାସ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, କାଉନସିଲର ଆଶୁତୋଷ ବଢେଇ, ସୁମିତ୍ରା ପାତ୍ର, ଉର୍ମିଳା ସାହୁ, ବବ୍ରୁ ପ୍ରଧାନ ପ୍ରମୁଖଙ୍କ ସମେତ ମନ୍ଦିରର ପୂଜକମାନେ ଉପସ୍ଥିତ ଥିଲେ।

## ସାହିତ୍ୟିକ ଭିକାରୀ ବେହେରାଙ୍କ ପରଲୋକ

**ଗଞ୍ଜାମ,୧୧।୧(ସମିସ):** ଗଞ୍ଜାମ ମାଟିର ସୁନାମଧନ୍ୟ ସାହିତ୍ୟିକ ଭିକାରୀ ବେହେରାଙ୍କ ପରଲୋକ ଘଟିଛି। ରମ୍ଭା ନିକଟସ୍ଥ ନିଜ ଗ୍ରାମ ଗଞ୍ଜାମ ବ୍ଲକର ଗୌରାଙ୍ଗ ପାଟଣାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିବା ଯୋଗୁଁ ସେ ବ୍ରହ୍ମପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ସେ ୩୦୦ରୁ ଊର୍ଦ୍ଧ୍ୱ କବିତା ଲେଖିଥିବାବେଳେ ଗୋଟିଏ କାବ୍ୟ ସଂକଳନ ହୋଇଛି। 'ମାନସରୋବର ଚିଲିକା' ନାମରେ ଆଉ ଏକ ନୂଆ କାବ୍ୟ ସଂକଳନ ବର୍ତ୍ତମାନ ପୂର୍ଣ୍ଣ ହୋଇଛି। ସେ ଗୌରାଙ୍ଗପାଟଣା ଗ୍ରାମର ବହୁ ପୁରାତନ ଅରବିନ୍ଦ କ୍ଲବର ସମ୍ପାଦକ ରହିଥିଲେ।

### ସଫଳ ଚାଷୀ ରବୀନ୍ଦ୍ର

## ଗାଁ' ମାଟିରେ ଫଳାଇଲେ ଷ୍ଟ୍ରବେରୀ





**ଭଞ୍ଜନଗର,୧୧।୧(ସମିସ):** ଚାଷ କାର୍ଯ୍ୟ ପାଇଁ ଅନୁକୂଳ ପରିବେଶ ନିହାତି ଆବଶ୍ୟକ ହୋଇଥାଏ। ତେଣୁ ଯେକୌଣସି ସ୍ଥାନରେ ସେଠାକାର ପରିବେଶକୁ ଅନୁଧ୍ୟାନ କରି ବିଭିନ୍ନ ଲାଭଦାୟକ ଚାଷ କାର୍ଯ୍ୟ କରାଯାଇଥାଏ। ଓଡ଼ିଶାର ମାଟି ଓ ପାଣି ପବନରେ ଷ୍ଟ୍ରବେରୀ ଫଳିବା କଷ୍ଟକର। ହେଲେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ଗାଲେରୀ ଗ୍ରାମର ଜଣେ ଚାଷୀ ନିଜର ପ୍ରଚେଷ୍ଟାରେ ଏଠାକାର ଜମିରେ ଲିଚୁକୋଳି ବା ଷ୍ଟ୍ରବେରୀ ଫଳାଇ ବାରେ ସଫଳ ହୋଇଛନ୍ତି। ଭଞ୍ଜନଗର ଅଞ୍ଚଳର ମାଟି, ପାଣି ପବନରେ ଷ୍ଟ୍ରବେରୀ ଫଳାଇ ସେ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ତା' ସହ ଗଞ୍ଜାମ ଜିଲ୍ଲାର ଚାଷୀ ମଧ୍ୟ ନିଜ ଦୃଢ଼ ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ବଳରେ ଷ୍ଟ୍ରବେରୀ ଭଳି ଦାମୀ ଓ ସୁସ୍ୱାଦୁ ଫଳ ଚାଷ କରି ବେଶ୍ ଲାଭବାନ ହୋଇପାରିବେ ବୋଲି ଗାଲେରୀ ଗ୍ରାମର ଚାଷୀ ରବୀନ୍ଦ୍ର ଶତପଥୀ କହିଛନ୍ତି। ଆମ ରାଜ୍ୟର କୋରାପୁଟ ଜିଲ୍ଲା କୋଟିଆ ଅଞ୍ଚଳର ଜଳବାୟୁ ଷ୍ଟ୍ରବେରୀ ଚାଷ ପାଇଁ ବେଶ୍ ଉପଯୋଗୀ। ତେଣୁ ସେଠାକାର ଚାଷୀମାନେ ଏହାକୁ ବହୁଳ ଭାବରେ ଚାଷ କରି ଭଲ ରୋଜଗାର କରୁଛନ୍ତି। ଏହି ଖବର ଜାଣିବା ପରେ ରବୀନ୍ଦ୍ରଙ୍କ ମନରେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ ପାଇଥିଲା। ଫଳରେ ଭଞ୍ଜନଗରେ ମଧ୍ୟ ଷ୍ଟ୍ରବେରୀ ଫଳାଇବା ଲାଗି ସେ ଅଣ୍ଟା ଭିଡିଥିଲେ। ପ୍ରଥମେ ୪ହଜାର ଟଙ୍କା ଖର୍ଚ୍ଚ କରି ଭୁବନେଶ୍ୱରରୁ ୨ଶହ ଷ୍ଟ୍ରବେରୀ ଚାରା ମଗାଇ ନିଜ ଫାର୍ମରେ ତାହାକୁ ରୋପଣ କରିଥିଲେ। ଚାରା ରୋପଣର ଦୁଇ ମାସ ପର୍ଯ୍ୟନ୍ତ ତାହାର ଯତ୍ନ ନେବା ପରେ ଏବେ ଗଛରେ ଷ୍ଟ୍ରବେରୀ ଫଳିବା ଆରମ୍ଭ ହୋଇଛି। ଗୁରୁବାର ଗୋଟିଏ ଗଛରେ ଷ୍ଟ୍ରବେରୀ ପାଚିଥିବା ଦେଖି ସେ ପ୍ରଥମ ଫଳକୁ ତୋଳି ନେଇ ଠାକୁରଙ୍କ ନିକଟରେ ଅର୍ପଣ କରିଛନ୍ତି। ନିଜ ପରିକ୍ଷାରେ ସଫଳ ହୋଇଥିବାରୁ ରବୀନ୍ଦ୍ର ବେଶ୍ ଖୁସି ଅନୁଭବ କରୁଛନ୍ତି। ଷ୍ଟ୍ରବେରୀ ଚାଷ ପାଇଁ ଭଞ୍ଜନଗରର ଜଳବାୟୁ ଓ ମାଟି ଅନୂକୁଳ ପ୍ରମାଣିତ ହେବା ପରେ ଆଗାମୀ ଦିନରେ ଗୋଟିଏ ଏକର ଜମିରେ ଷ୍ଟ୍ରବେରୀ ଚାରା ଲଗାଇବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ତେବେ ଷ୍ଟ୍ରବେରୀ ଭଳି ଏକ ଲାଭ ଜନକ ଚାଷ ପ୍ରତି ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ପ୍ରୋତ୍ସାହିତ କରିବା ଓ ସରକାରୀ ସାହାଯ୍ୟ ସହଯୋଗ ଯୋଗାଇଦେଲେ ନିଶ୍ଚିତ ଭାବେ ବହୁ ଚାଷୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ରବୀନ୍ଦ୍ର ମତ ଦେଇଛନ୍ତି।







ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245





### ଏମ୍‌କେସିଜିରୁ ଘରୋଇ ନର୍ସିଂହୋମକୁ ରୋଗୀ ଚାଲାଣ ଘଟଣା; ଅଡୁଆରେ ଶ୍ରୀ ହସ୍‌ପିଟାଲ

# ବରିଷ୍ଠ ଡାକ୍ତରଙ୍କ ନାଁରେ ଅସ୍ତ୍ରୋପଚାର କରୁଛନ୍ତି ଯୁବ ଡାକ୍ତର!

ବ୍ରହ୍ମପୁର, ୧୧।୧(ସମିସ)

ଏମକେସିଜି ମେଡିକାଲରୁ ଘରୋଇ ନର୍ସିଂହୋମକୁ ରୋଗୀ ଚାଲାଣ ଘଟଣାରେ ଆସିଛି ଭିନ୍ନ ମୋଡ଼। ଗତ ବର୍ଷ ଡିସେମ୍ବର ୨୯ ତାରିଖରେ ଭାବାନଗର ଛକରେ ଥିବା ଶ୍ରୀହସ୍‌ପିଟାଲରେ ବିଏସକେୱାଇ କାର୍ଡ ଜରିଆରେ ସୋରଡ଼ା ଅଞ୍ଚଳର ଅନିଲ ନାୟକଙ୍କ ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ହସପିଟାଲ ପକ୍ଷରୁ ଯେଉଁ ଡାକ୍ତର ରୋଗୀଙ୍କୁ ଅସ୍ତ୍ରୋପଚାର କରିଥିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ସେଥିରେ ଦ୍ୱନ୍ଦ୍ୱ ରହିଛି। ପ୍ରକୃତରେ ସେହି ଡାକ୍ତର ଜଣଙ୍କ ରୋଗୀଙ୍କ ଅସ୍ତ୍ରୋପଚାର କରି ନଥିବା ଅଭିଯୋଗ ହୋଇଛି। ଉକ୍ତ ଡାକ୍ତର ଜଣଙ୍କ ସହରର ବହୁ ଦୂରରେ ରହୁଥିବା ବେଳେ ସେ ଆସ୍ତ୍ରୋପଚାର ଦିନ ହସ୍ପିଟାଲରେ ଅନୁପସ୍ଥିତ ଥିବା ଅଭିଯୋଗ ହୋଇଛି। ତାଙ୍କ ସ୍ଥାନରେ ଏମକେସିଜି ମେଡିକାଲର ଜଣେ ଯୁବ ଡାକ୍ତର ରୋଗୀଙ୍କ ଅସ୍ତ୍ରୋପଚାର କରିଥିବା ସୂଚନା ମିଳିଛି। ତେବେ ରୋଗୀଙ୍କୁ କେଉଁ ଡାକ୍ତର ଅସ୍ତ୍ରୋପଚାର କରିଛନ୍ତି ତାହା ସ୍ପଷ୍ଟ ହୋଇପାରି ନାହିଁ। ଏହି ଘଟଣାର ସଠିକ ଭାବରେ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଜଣାପଡ଼ିବ।

ଅନ୍ୟପକ୍ଷରେ ଏଭଳି ଅଭିଯୋଗ ସମ୍ପର୍କରେ ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟଧିକାରୀ(ସିଡିଏମଓ) ଡା. ଉମାଶଙ୍କର ମିଶ୍ର ଜାଣିବା ପରେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାକୁ ନେଇ ସେ ଶ୍ରୀହସ୍‌ପିଟାଲ କର୍ତ୍ତୃପକ୍ଷଙ୍କୁ କାରାଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଛନ୍ତି। ରୋଗୀଙ୍କୁ ପ୍ରକୃତରେ କେଉଁ ଡାକ୍ତର ଅସ୍ତ୍ରୋପଚାର କରିଥିଲେ, ତାହା ଜଣାଇବାକୁ ସମ୍ପୃକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କୁହାଯିବ। ନୋଟିସ ପାଇବାର ୩ଦିନ ମଧ୍ୟରେ ଏହାର ସ୍ପଷ୍ଟୀକରଣ ରଖିବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସିଡ଼ିଏମଓ ଡ଼ା. ଉମାଶଙ୍କର ମିଶ୍ର କହିଛନ୍ତି। ଏବଂ ହସ୍ପିଟାଲରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ କରାଯିବ। ଅସ୍ତ୍ରୋପଚାର ଦିନ ଉକ୍ତ ଡାକ୍ତର ଜଣଙ୍କ ଶ୍ରୀହସପିଟାଲରେ ଉପସ୍ଥିତ ଥିଲେ କି ନାହିଁ। ତାହାର ଯାଞ୍ଚ କରାଯିବା ସହ ଏଥିରେ କୌଣସି ତ୍ରୁଟି ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡା. ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ବର୍ଷ ଡିସେମ୍ବର ୨୬ ତାରିଖରେ ସୋରଡ଼ା ଅଞ୍ଚଳରେ ଅନିଲ ନାୟକ(୧୩) ଦୁର୍ଘଟଣାର ଶିକାର ହୋଇ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପ୍ରଥମେ ପରିବାର ଲୋକ ଅନିଲଙ୍କ ଚିକିତ୍ସା ନିମନ୍ତେ ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ପରେ ତାଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ଚିକିତ୍ସାଧୀନ ଅବସ୍ଥାରେ ରୋଗୀ ଅନୀଲ କୁଆଡ଼େ ପଳାଇଥିଲେ। ଏନେଇ ମେଡିକାଲ ଅଧୀକ୍ଷକ ଓ ସିଡିଏମ୍‌ଓଙ୍କ ପକ୍ଷରୁ ମିଳିତ ତଦନ୍ତ ଜାରି ରହିଛି।

**ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜାରି ହେବ କାରଣ ଦର୍ଶାଅ ନୋଟିସ: ସିଡିଏମ୍‌ଓ**

# ଚତୁର୍ଥ ଦିନରେ ୭ଟି ୱାର୍ଡ ପରିକ୍ରମା କଲା 'ଅର୍ପଣ ରଥ'

**ବ୍ରହ୍ମପୁର, ୧୧।୧(ସମିସ):** ଚଳିତମାସ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ ହେବ। ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମ ପରିସରରୁ ବାହାରିଥିବା ୭ଟି ଅର୍ପଣ ରଥ ପ୍ରତ୍ୟହ ସହରର ୭ଟି ୱାର୍ଡକୁ ଭ୍ରମଣ କରୁଛି। ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ପ୍ରତ୍ୟେକ ଦିନ ପୂର୍ବାହ୍ନ ୮ଟା ପରିକ୍ରମା ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜାରି ରହୁଛି। ଗୁରୁବାର ତାହା ଚତୁର୍ଥ ଦିନରେ ପହଞ୍ଚିଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର ୫, ୭, ୧୦, ୧୩, ୨୨, ୨୭ ଓ ୩୯ ଆଦି ୭ଟି ୱାର୍ଡରେ ପରିକ୍ରମା କରିଛି ଅର୍ପଣ ରଥ। ଏ ଅବସରରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ ଓ ବିଜେଡି ନେତା ଭୀମ ଦଳେଇଙ୍କ ସମେତ ବିଭିନ୍ନ ୱାର୍ଡରେ ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ରହି ପ୍ରତି ଘରୁ ଏହି ଅର୍ପଣ ରଥ ଜରିଆରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଘରକୁ ଘର ବୁଲି ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବ ଲାଗି ସଂଗ୍ରହ ହେଉଥିବା ଚାଉଳ ଓ ଗୁଆ ଅର୍ପଣ ରଥରେ ସମର୍ପଣ କରିବାକୁ ଖାସକରି ମହିଳା ଭକ୍ତଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହେଉଛି। ଶୁକ୍ରବାର ସହରର ୬, ୧୧, ୨୩, ୨୮, ୩୭, ୪୦ ଓ ୪୧ନମ୍ବର ୱାର୍ଡରେ ଏହି ଅର୍ପଣ ରଥ ପରିକ୍ରମା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ଜିଲ୍ଲା ବିଜେପି ପକ୍ଷରୁ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର, ୧୧।୧(ସମିସ):** ଗଞ୍ଜାମ ଗସ୍ତରେ ଆସିଥିବା ରାଜ୍ୟପାଳ ରଘୁବର ଦାସଙ୍କୁ ଭାରତୀୟ ଜନତା ପାର୍ଟି(ବିଜେପି) ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି। ଛତ୍ରପୁରସ୍ଥିତ ସର୍କିଟ ହାଉସରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ସଭାପତି ଡା.ସୁବାସ ସାହୁ, ଜିଲ୍ଲା ଉପସଭାପତି ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, କୁଞ୍ଜବିହାରୀ ପଣ୍ଡା, କମଲ ପାତ୍ର, ମାଲି ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଆଜି ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ମହୋତ୍ସବ

ବ୍ରହ୍ମପୁର, ୧୧।୧(ସମିସ)



ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ପକ୍ଷରୁ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ବ୍ରହ୍ମପୁର ସହରରେ ଆୟୋଜିତ ହେଉଛି ମର୍ଦ୍ଦରାଜ ମହୋତ୍ସବ। ଶୁକ୍ରବାର ସନ୍ଧ୍ୟାରେ ଏହି ଉତ୍ସବ ସ୍ଥାନୀୟ କେସି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ସୁଧାଂଶୁ ଶେଖର ସାହୁ

**ଦକ୍ଷିଣ ଓଡ଼ିଶାର ପ୍ରାସଙ୍ଗିକ ବିଷୟ ନେଇ ହେବ ଆଲୋଚନା**

**ବିଶିଷ୍ଟ ବ୍ୟକ୍ତିଙ୍କୁ ମର୍ଦ୍ଦରାଜ ସମ୍ମାନ, ଲୋକାର୍ପଣ ହେବ ସ୍ମରଣିକା**

ସୂଚନା ଦେଇଛନ୍ତି। ଖଲ୍ଲିକୋଟ ଗଡ଼ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୪ତମ ଜନ୍ମ ଜୟନ୍ତୀ ବେଶ ଧୁମଧାମର ସହକାରେ ପାଳିତ ହେବ। ଏଥିରେ ରାଜ୍ୟ ତଥା ଦେଶର ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ରାଜା ବାହଦୂର ମର୍ଦ୍ଦରାଜ ଦେଓ ସମ୍ମାନ ଚଳିତ ଥର ପୂର୍ବତନ ମୁଖ୍ୟ ସୂଚନା କମିଶନର ସୁନିଲ କୁମାର ମିଶ୍ରଙ୍କୁ ପ୍ରଦାନ କରାଯିବ ବୋଲି ଏଠାରେ କୁହାଯାଇଛି। ଅନ୍ୟପଟେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଭୂମିକା ଏବଂ ତାଙ୍କ ଦ୍ୱାରା ସେହି ସମୟରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ନେଇ ଏକ ସ୍ମରଣିକା ଉନ୍ମୋଚନ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁଙ୍କ ସମେତ କେସି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଅଶୋକ ମିଶ୍ର, ମେଜର ରମା ରମଣ ପାଢ଼ୀ, ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ ଓ ପ୍ରକାଶ ପଟ୍ଟନାୟକ ମଞ୍ଚାସୀନ ଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ପ୍ରବନ୍ଧ ପ୍ରତିଯୋଗିତା

ବ୍ରହ୍ମପୁର, ୧୧।୧(ସମିସ)



ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଏକ ପ୍ରତିଯୋଗିତା ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। 'ନୂଆ-ଓ' ମାଧ୍ୟମରେ ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ସଂସ୍କୃତି ଓ ବୈଶିଷ୍ଟ୍ୟ ଓ ଓଡ଼ିଆ ଭାଷା ସାହିତ୍ୟକୁ ନେଇ ପ୍ରବନ୍ଧର ବିଷୟ ରହିଥିବା ବେଳେ ଜଗନ୍ନାଥ ସଂସ୍କୃତି ଭିତ୍ତିକ ସାଧାରଣ ଜ୍ଞାନ ପରୀକ୍ଷା କରାଯାଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ର, ନୋଡାଲ ଅଫିସର ଡ. ବିଦ୍ୟୁତ୍ ପ୍ରଭା ସାହୁ, ଅଧ୍ୟାପକ ମାନରଞ୍ଜନ ବିଷୋୟୀ, କୁରେଶ ମହାରଣା, ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩

## ରାଜ୍ୟର ୪ର୍ଥ ସ୍ଥାନରେ ବିଏମ୍‌ସି

**ବ୍ରହ୍ମପୁର, ୧୧।୧(ସମିସ):** କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଦେଶବ୍ୟାପୀ ସହରଗୁଡ଼ିକର ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩ ରିପୋର୍ଟ ପ୍ରକାଶ ପାଇଛି। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ରେ ବ୍ରହ୍ମପୁର ମହାନଗର ନିଗମ ରାଜ୍ୟର ୪ର୍ଥ ସ୍ଥାନରେ ଥିବା ଜଣାଯାଇଛି। ସେହିଭଳି ଜାତୀୟସ୍ତର ର୍‍ୟାଙ୍କିଂରେ ମଧ୍ୟ ୧୧୧ନଂ ସ୍ଥାନରେ ରହିଛି। ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ବ୍ରହ୍ମପୁରର ରାଙ୍କି ରହିଛି ୧୧୧ ନମ୍ବର। ସେହିଭଳି ରାଜ୍ୟରେ ବ୍ରହ୍ମପୁରର ସ୍ଥାନ ହେଉଛି ଚତୁର୍ଥ। ସୂଚନା ମୁତାବକ, ୨୦୧୯, ୨୦୨୦ ଓ ୨୦୨୧ ମସିହାରେ ସ୍ୱଚ୍ଛ ସର୍ବେକ୍ଷଣ ରିପୋର୍ଟରେ ରାଜ୍ୟସ୍ତରରେ ବ୍ରହ୍ମପୁର ସହର ପ୍ରଥମ ସ୍ଥାନରେ ରହିଥିଲା। ୨୦୨୨ ମସିହାରେ ଚତୁର୍ଥ ସ୍ଥାନରେ ରହିଥିଲା। ଏଣେ ବ୍ରହ୍ମପୁର ମହାନଗର ନିଗମକୁ ସରସ ସୁନ୍ଦର କରିବା ଲାଗି ପ୍ରଚେଷ୍ଟା କରାଯାଉଥିବା ବେଳେ ଆଗାମୀ ଦିନରେ ଏହି କାର୍ଯ୍ୟକୁ ଆହୁରି ସୁଦୃଢ଼ କରାଯିବ ବୋଲି କୁହାଯାଇଛି।

### ଜୁଆ ଆଡ୍ଡାରେ ଚଢ଼ଉ

# ୨୨ ହଜାର ଟଙ୍କା ଜବତ; ବନ୍ଧା ହେଲେ ୫ ଜୁଆଡ଼ି

**ବ୍ରହ୍ମପୁର, ୧୧।୧(ସମିସ):** ସ୍ଥାନୀୟ ପାୟଲ ହଲ୍ ନିକଟ ଏକ ଖୋଲା ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ଟାଉନ ଥାନା ପୁଲିସ ୫ଜଣ ଜୁଆଡ଼ିଙ୍କୁ କାବୁ କରିଛି। ଏକାଧିକ ଜୁଆଡ଼ି ଚମ୍ପଟ ମାରିଛନ୍ତି। ଘଟଣାସଳରୁ ପୁଲିସ ନଗଦ ୨୨ହଜାର ୬୦୦ଟଙ୍କା ଓ କିଛି ତାସ କାଟା ଜବତ କରିଛି। ସୂଚନାଯୋଗ୍ୟ ଯେ, ଦୁଇଦିନ ପୂର୍ବେ ଏଏସଆଇ ବିନୀତ୍ କୁମାର ଶତପଥୀ ଓ କିଛି ଥାନା କର୍ମଚାରୀ ସନ୍ଧ୍ୟା ସମୟରେ ପେଟ୍ରୋଲିଂ କରୁଥିଲେ। ସ୍ଥାନୀୟ ପାୟଲ ହଲ ସମ୍ମୁଖରେ ଏକ ଖୋଲା ସ୍ଥାନରେ କିଛି ଯୁବକ ଓ ମହିଳା ମିଶି ଜୁଆ ଖେଳୁଥିବା ଖବର ପାଇ ସେଠାରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ପୁଲିସ ଏନ ଶ୍ରୀନୁ ପାତ୍ର, କେ ପ୍ରକାଶ ପାତ୍ର, ବି.ହରିଶ, ଏସ ସନ୍ତୋଷ ଓ ସମୀର ଦାସକୁ କାବୁ କରିଥିବା ବେଳେ କିଛି ମହିଳା ଦୌଡ଼ି ପଳାଇଥିଲେ। ବର୍ତ୍ତମାନ ଉପରୋକ୍ତ ଜୁଆଡ଼ିଙ୍କୁ ଥାନାରୁ ନୋଟିଶ ଦେଇ ଛଡ଼ାଯାଇଛି।

# ଲୁଟ୍ ମାମଲାରେ ୩ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏଁ ଜେଲ୍

**ବ୍ରହ୍ମପୁର, ୧୧।୧(ସମିସ):** ଏକ ଲୁଟ୍ ମାମଲାର ବିଚାରଣା କରି ଜେଏମଏଫସି(ଏଲଆର) କୋର୍ଟ ଜଜ୍ ସନ୍ଦୀପ କୁମାର ମହାନ୍ତି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୩ ହଜାର ଟଙ୍କା ଲେଖାଏଁ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦେୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ବ୍ରଜନଗରର ସୁଶାନ୍ତ ସାହୁ, ଝାଡାଙ୍କୁଲିର ସୁକୁରୁ ସାହୁ ଓ ଜଗନ୍ନାଥବିହାରର ସୁମନ ଚୌଧୁରୀ। ସୂଚନାଯୋଗ୍ୟ ଯେ, ୨୦୨୩ ମେ ୪ତାରିଖ ରାତି ସାଢେ ୧୨ଟା ବେଳେ ଆଙ୍କୁଶପୁରର ନିର୍ମାଲ୍ୟ ସାହୁ ଓ ଅମୁଲି ସାହୁ ଏକ ବାଇରେ ଯାଉଥିବା ବେଳେ ଉପରୋକ୍ତ ଅଭିଯୁକ୍ତମାନେ ସେମାନଙ୍କୁ ଅଟାକଇ ୨ଟି ମୋବାଇଲ ଓ ୧୭ ହଜାର ଟଙ୍କା ଲୁଟ କରିଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ କିଛି ଦିନ ଭିତରେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ ଗୁରୁବାର ଉକ୍ତ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ଏପିପି ନିତେନ ଜିତ୍ ପ୍ରଧାନ ମକଦ୍ଦମା ପରିଚାଳନା କରୁଥିଲେ।

# ଗଞ୍ଜେଇ ଜବତ ମାମଲାରେ ୨ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର, ୧୧।୧(ସମିସ):** ୬୦ କିଲୋ ଗଞ୍ଜେଇ ଜବତ ମାମଲାର ବିଚାରଣା କରି ଅତିରିକ୍ତ ଜିଲା ଜଜ୍-୧ ଡ. ଇନ୍ଦୁ ଶର୍ମା ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ୨ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପାଟପୁର ଥାନା କଂସାମାରୀ ଗ୍ରାମ ଢେପସାହିର ଗଦାଧର ବେହେରା ଓ ବିଜୟ ବେହେରା। ସୂଚନାଯୋଗ୍ୟ ଯେ, ୨୦୨୨ମସିହା ମେ ୧୫ ତାରିଖ ଗଦାଧର ବେହେରାଙ୍କ ଘରେ ବିପୁଳ ପରିମାଣର ଗଞ୍ଜେଇ ମହଜୁଦ ଥିବା ପାଟପୁର ପୁଲିସକୁ ଖବର ମିଳିଥିଲା। ସେହିକ୍ରମରେ ପୁଲିସ ଗଦାଧରଙ୍କ ଘରେ ଚଢଉ କରିଥିଲା। ଚଢଉ ବେଳେ ତାଙ୍କ ଘରୁ ୬୦ କିଲୋ ଗଞ୍ଜେଇ ମିଳିଥିଲା। ସେଠାରୁ ଗଦାଧରଙ୍କୁ କାବୁ କରାଯାଇଥିବା ବେଳେ କୌଶଳକ୍ରମେ ବିଜୟ ଫେରାର ହୋଇଯାଇଥିଲେ। ସାନଖେମୁଣ୍ଡିର ତତ୍‌କାଳୀନ ତହସିଲଦାର ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ପୁଲିସ ସମସ୍ତ ଗଞ୍ଜେଇ ଜବତ କରିବା ସହ ଗଦାଧରକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏନେଇ ପାଟପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଫେରାର ଥିବା ଅଭିଯୁକ୍ତ ବିଜୟ କୋର୍ଟ ଆତ୍ମସମର୍ପଣ କରିଥିଲେ। ଏହି ମାମଲାର ବିଚାରଣା ଚାଲିଥିବା ବେଳେ ମୋଟ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷର ଖଲାସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଭବାନୀପ୍ରସାଦ ପଣ୍ଡା, କୁନାଲ ସାହୁ, ସଂଗ୍ରାମ ପ୍ରଧାନ, ଧିରେନ ଜେନା, ଶଙ୍କର ସାହୁ ମକଦ୍ଦମା ପରିଚାଳନା କରୁଥିଲେ।

# କେଶବ ଜୁଏଲର୍ସରୁ ଅଳଙ୍କାର ଗାଏବ

ବ୍ରହ୍ମପୁର, ୧୧।୧(ସମିସ)

କେଶବ ଜୁଏଲର୍ସ ସୋ'ରୁମରୁ ପ୍ରାୟ ୧୪ ଲକ୍ଷ ଟଙ୍କାର ହୀରା ଅଳଙ୍କାର ଜଣେ ମହିଳା କର୍ମଚାରୀ ଗାଏବ କରିଥିବା ନେଇ ବଡ଼ ବଜାର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ସୁନା ଦୋକାନରେ ଜଣେ ମହିଳା ୮ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ସେହିକ୍ରମରେ ମାଲିକ ତାଙ୍କୁ ହୀରା ଗହଣା ବିଭାଗର ସେକ୍ସନ ହେଡ୍ କରିଥିଲେ। ଏଣେ ଏଠାରୁ ଲକ୍ଷାଧିକ ଟଙ୍କାର ହୀରା ଅଳଙ୍କାର ଗାଏବ ହେବା ସହ ଦିନକୁ ଦିନ ଅଳଙ୍କାର ସଂଖ୍ୟା ମଧ୍ୟ କମୁଥିବା ସୋରୁମ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଏନେଇ ମାଲିକଙ୍କ ଉକ୍ତ କର୍ମଚାରୀଙ୍କ ଉପରେ ସନ୍ଦେହ ବୃଦ୍ଧି ହୋଇଥିଲା। ଜାନୁଆରୀ ୪ରୁ ମହିଳାଙ୍କ ଉପରେ ମାଲିକ ନଜର ରଖୁଥିବା ବେଳେ କିଛି ଦିନ ପୂର୍ବେ ଷ୍ଟୋକ ଯାଞ୍ଚ ହୋଇଥିଲା। ଯାଞ୍ଚ ବେଳେ ୨୬ଟି ହୀରା ଅଳଙ୍କାର ଗାଏବ ଥିବା ଜଣାପଡ଼ିଥିଲା। ଏନେଇ ତାଙ୍କୁ ପଚରାଉଚରା ପରେ ସେ ସଠିକ ଉତ୍ତର ଦେଇନଥିଲେ। କମ୍ପାନୀର ନିୟମ ଉଲ୍ଲଂଘନ କରି ନିଜ ସ୍ୱାର୍ଥ ସାଧନ ପାଇଁ ମହିଳା ଜଣକ ଏଭଳି କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ହୀରା ଅଳଙ୍କାର ଫେରାଇବା ପାଇଁ କେଶବ ଜୁଏଲର୍ସ ମାଲିକ ବଡ଼ବଜାର ଥାନାରେ ଏତଲା ଦେଇଛନ୍ତି।

**ମହିଳା କର୍ମଚାରୀଙ୍କ ନାମରେ ଏତଲା**

# କ୍ୟାପଟେନ୍ ଉଚ୍ଛବ ଚନ୍ଦ୍ର ସାବତଙ୍କ ପରଲୋକ

ବ୍ରହ୍ମପୁର, ୧୧।୧(ସମିସ)

ଭାରତ ସରକାରଙ୍କ ସାମରିକ ବାହିନୀର ପୂର୍ବତନ କ୍ୟାପଟେନ ତଥା ଲାଞ୍ଜିପଲ୍ଲୀ ବରିଷ୍ଠ ନାଗରିକ ମଞ୍ଚର ବୟୋଜ୍ୟେଷ୍ଠ ପ୍ରତିଷ୍ଠାତା ସଭ୍ୟ ଉଚ୍ଛବ ଚନ୍ଦ୍ର ସାବତଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାବତଙ୍କ ଲାଞ୍ଜିପଲ୍ଲୀ ଜେଲରୋଡ ସ୍ଥିତ ବାସଭବନରେ ବୁଧବାର ୯୧ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଉପ ସଭାପତି ପ୍ରଫେସର ଅରୁଣ କୁମାର ପଣ୍ଡା, ସମ୍ପାଦକ ସୁରେଶ ଜେନା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ରମେଶ ଚନ୍ଦ୍ର ମହାନ୍ତି, କେ. କ୍ରିଷ୍ଣା ରାଓ, ବିଭୁତି ଭୂଷଣ ବେହେରା, ପ୍ରଶାନ୍ତ କୁମାର ରାୟ, ଶିବରାମ ପାଣିଗ୍ରାହି, ବନମାଳୀ ସାହୁ, ଅଭିମନ୍ୟୁ ମହାରଣା, ସୁଜନ ଶୁକ୍ଳ, କୈଳାଶ ବେହେରା, ଦୀନବନ୍ଧୁ ପାତ୍ର ସମେତ ବହୁ ସଭ୍ୟ ଗଭୀରୀ ଶୋକ ପ୍ରକାଶ କରିଛନ୍ତି।

### ଗାଡ଼ିରେ ହ୍ୟୁମାନ ରାଇଟ୍‌ସ କାଉନସିଲ ବୋର୍ଡ ମାରି ବୁଲିବା ମହଙ୍ଗା ପଡ଼ିଲା

# ବଲେରୋ ଜବତ; ୨ ଜଣଙ୍କ ନାମରେ ମାମଲା

ବ୍ରହ୍ମପୁର, ୧୧।୧(ସମିସ)

ବଲେରୋ ଗାଡ଼ିରେ ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟସ୍ ଆଣ୍ଡ କ୍ରାଇମ କଣ୍ଟ୍ରୋଲ କାଉନସିଲ ବୋର୍ଡ ମାରି ବୁଲୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡ଼ିଛି। ପୁଲିସ ସେହି କାରକୁ ଜବତ କରିଛି। ଏଥିସହ ଉକ୍ତ ବୋର୍ଡ଼ ଖୋଲି ନିଜକୁ ହ୍ୟୁମାନ ରାଇଟସ କାଉନସିଲର ନିର୍ଦ୍ଦେଶ ବୋଲି ଦର୍ଶାଉଥିବା ବ୍ୟକ୍ତି ଓ ଡ୍ରାଇଭରଙ୍କ ନାଁରେ ମାମଲା ରୁଜୁ କରିଛି।

ମିଳିଥିବା ସୂଚନା ପ୍ରକାରେ, ବୁଧବାର ଅପରାହ୍ନରେ ବଡବଜାର ଥାନା ଏଏସଆଇ ସୁନୀଲ କୁମାର ପରିଡ଼ା ଓ ତାଙ୍କ ଟିମ ସହରରେ ପାଟ୍ରୋଲିଂ କରୁଥିବା ବେଳେ ଆସିକା ରୋଡରେ ଏକ ବୋଲେରୋ ଗାଡି ଦ୍ରୁତଗତିରେ ଯାଉଥିବା ଦେଖିବା ପରେ ସେହି ଗାଡିକୁ ଅଟକାଇଥିଲେ। ଯାଞ୍ଚ ବେଳେ ସେହି ଗାଡିରେ ଚାଳକଙ୍କୁ ମିଶାଇ ମୋଟ ୨ ଜଣ ବସିଥିବା ଜଣାପଡ଼ିଥିଲା। ଗାଡି ସମ୍ମୁଖରେ ହ୍ୟୁମାନ ରାଇଟସ୍ ଆଣ୍ଡ କ୍ରାଇମ କଣ୍ଟ୍ରୋଲ କାଉନସିଲର ପବ୍ଲିକ ୱେଲେଫେୟାର ଓଡ଼ିଶା ଡାଇରେକ୍ଟର ବୋଲି ଲେଖା ହୋଇଥିଲା। ଗାଡ଼ିରେ ବସିଥିବା ଦୁଇ ବ୍ୟକ୍ତି ଜଣଙ୍କୁ ଦେଖି ପୁଲିସର ସନ୍ଦେହ ହୋଇଥିଲା। ତେଣୁ ସେମାନଙ୍କ ଗାଡ଼ି କାଗଜପତ୍ର ଓ ନିଜର ପ୍ରମାଣପତ୍ର ଦେବାକୁ ପୁଲିସ କହିଥିଲା। ଡ୍ରାଇଭର ଓ ଡାଇରେକ୍ଟର ବୋଲି କହୁଥିବା ବ୍ୟକ୍ତି ଜଣକ ସଠିକ କାଗଜପତ୍ର ଓ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଶେଷରେ ପୁଲିସ ଗାଡିକୁ ଜବତ କରି ଥାନାକୁ ଆଣି ଉଭୟଙ୍କୁ ଜେରା କରିଥିଲା। ଜେରା ବେଳେ ନିଜକୁ ହ୍ୟୁମାନ ରାଇଟସ





କାଉନସିଲର ନିର୍ଦ୍ଦେଶ କହୁଥିବା ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ରୋୟାଲ ଲାଗୋନର ରଘୁନାଥ ସାହୁ(୨୮) ଓ ଡ୍ରାଇଭର ତଥା କଟକ ନରସିଂହପୁରର ଶ୍ରୀକାନ୍ତ ଗଡ଼ନାୟକ ବୋଲି ଜଣାପଡ଼ିଥିଲା। ଏଏସଆଇ ସୁନୀଲ ପରିଡ଼ାଙ୍କ ଏତଲାକ୍ରମେ ଥାନାରେ ଏକ ରୁଜୁ ହୋଇଥିଲା। ହ୍ୟୁମାନ ରାଇଟସ ନାମରେ ଏଭଳି ବୋର୍ଡ ଲଗାଇ ବୁଲିବା ବେଆଇନ ହୋଇଥିବାରୁ ସେହି ବୋର୍ଡକୁ ଗାଡିରୁ ଖୋଲି ଦିଆଯାଇଛି। ଏ ଦିଗରେ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ କହିଛନ୍ତି।



## ରୂପାନ୍ତରିତ ହାଇସ୍କୁଲର ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ ସମାରୋହ

# ‘ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ଶିକ୍ଷାର ବିକାଶ ଅପରିହାର୍ଯ୍ୟ’



**ଦିଗପହଣ୍ଡି,୧୧ା୧(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିଗପହଣ୍ଡି ବ୍ଲକ ପଦ୍ମନାଭପୁରଠାରେ ‘୫-ଟି’ ଅନ୍ତର୍ଗତ ୪ର୍ଥ ପର୍ଯ୍ୟାୟ ରୂପାନ୍ତରିତ ହାଇସ୍କୁଲର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଉତ୍ତମ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ଶିକ୍ଷାର ବିକାଶ ଏକାନ୍ତ ଅପରିହାର୍ଯ୍ୟ। ୪ର୍ଥ ପର୍ଯ୍ୟାୟ ରେ ରାଜ୍ୟର ୫ଟି ଜିଲ୍ଲାର ୪୬୯ଟି ହାଇସ୍କୁଲର ରୂପାନ୍ତରଣ କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲାର ସମୁଦାୟ ୬୨୮ଟି ହାଇସ୍କୁଲର ରୂପାନ୍ତରଣ କରାଯାଇଥିବା ବେଳେ ୪ର୍ଥ ପର୍ଯ୍ୟାୟରେ ‘୫-ଟି’ ଅନ୍ତର୍ଗତ ୧୪୯ଟି ହାଇସ୍କୁଲର ରୂପାନ୍ତରଣ କରାଯାଇଥିବା ଜଣାପଡ଼ିଛି।

ସମାରୋହରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଲତିକା ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଧାୟକ ଶ୍ରୀକାନ୍ତ ସାହୁ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଧାୟକ ସୁବାସ ବେହେରା, ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର, ବିଡିଓ ଡ. ଚିତ୍ତରଞ୍ଜନ ଦାସ, ପଦ୍ମନାଭପୁର ପଞ୍ଚାୟତ ସରପଞ୍ଚ ବି.ସନ୍ଧ୍ୟା ରାଣୀ ସୁବୁଦ୍ଧି,ହାଇସ୍କୁଲ ପରିଚାଳନା କମିଟି ସଭାପତି ବି. କ୍ରିଷ୍ଣା ରାଓ ସୁବୁଦ୍ଧି, ସରପଞ୍ଚ ଫଣିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଜିଲ୍ଲା ପରିଷଦ ସଦସ୍ୟା ସଂଯୁକ୍ତା କବି, ଦିଗପହଣ୍ଡି ବ୍ଲକ ଉପାଧକ୍ଷା ସୁକାନ୍ତି ପ୍ରଧାନ, ସାଂସଦ ପ୍ରତିନିଧି ନିରୁପମା ପଟ୍ଟନାୟକ, ଏପିପି ନକୁଳ ପ୍ରଧାନ, ପୂର୍ବତନ ସରପଞ୍ଚ ଭୀମସେନ ସାହୁ, ଟି.ରାମାରାଓ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତଲତା ମହାରଣା ଏବଂ ବହୁ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବାମଦେବ ହାଇସ୍କୁଲର ରୂପାନ୍ତରଣ ଉତ୍ସବ

**ରମ୍ଭା:** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଡିଆଁଡେଇଁ ଉଚ୍ଚ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ୪ର୍ଥ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅବସରରେ ଲୋକାର୍ପିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବାଳକୃଷ୍ଣ ମହାରଣା, ସମ୍ମାନିତ ଅତିଥି ପୂର୍ବତନ ସମିତି ସଭ୍ୟ ମନୋରଞ୍ଜନ ନାହାକ, ପୂର୍ବତନ ସରପଞ୍ଚ ମାନସ କୁମାର ନାହାକ, ସମିତିସଭ୍ୟ ହଜାରୀ ରାମ ବେହେରା, ସରପଞ୍ଚ ମନୋଜ କୁମାର ବେହେରା,୧୫ନଂ ଜୋନ ଜିଲ୍ଲା ପରିଷଦ ସନାତନ ବେହେରା, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ ମଞ୍ଚାସିନ ରହିଥିଲେ। କାର୍ଯ୍ୟକ୍ରମ ସଂଯୋଜନାରେ ବରିଷ୍ଠ ଇଂରାଜୀ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ ରହିଥିବା ବେଳେ ଉପସ୍ଥାପନା ଶିକ୍ଷକ ଦେବେନ୍ଦ୍ର ନାହାକ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରମୋଦ କୁମାର ପ୍ରହରାଜ, ପଞ୍ଚାନନ ନାହାକ, ଅକ୍ଷୟ କୁମାର ମହାଲିକ, ଅମିତା କୁମାରୀ ଡାକୁଆ, ରମେଶ କୁମାର ରଣା, ପଦ୍ମନାଭ ନାହାକ, ଅରୁଣ ଅଧିକାରୀ, ନିରଞ୍ଜନ ବେହେରା, ଭିକାରୀ ଚରଣ ନାହାକ ପ୍ରମୁଖ ସହଯୋଗ କରିଥିଲେ। ଗଞ୍ଜାମ ବ୍ଲକ ବିଡିଓ ବସନ୍ତ କୁମାର ମଲ୍ଲିକ, ଜେଇ ସଚିତ କୁମାର କର, ଏଇଇ ସୁଶୀଲ କୁମାର ପଣ୍ଡା, କଣ୍ଟ୍ରାକ୍ଟର ସୁରେନ୍ଦ୍ର ପରିଡା, ତପନ ସାମନ୍ତ, ପ୍ରାକ୍ତନ ସରପଞ୍ଚ ଶିବରାମ ନାହାକ ଓ ରାମଗଡ଼ ସରପଞ୍ଚ ସନ୍ତୋଷିନୀ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଅକ୍ଷୟ କୁମାର ମହାଲିକ ଧନ୍ୟବାଦ ଦେଇଥିଲେ।



## ଭଞ୍ଜନଗର ବ୍ଲକର ୫ ସ୍ମାର୍ଟସ୍କୁଲ ଉଦ୍‌ଘାଟିତ



**ଭଞ୍ଜନଗର:** ଭଞ୍ଜନଗର ବ୍ଲକର ୫ଟି ରୂପାନ୍ତରଣ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ସେଗୁଡିକ ହେଲା ତିଳି ସିଙ୍ଗିର ବିପ୍ର ଚରଣ ହାଇସ୍କୁଲ, ତୁରୁମୁର ସ୍ୱାମୀ ଚିଦାନନ୍ଦ ଉଚ୍ଚ ବିଦ୍ୟାଳୟ, ଶାର୍ଦ୍ଦୁଳର ରାଧାକୃଷ୍ଣ ସ୍ୱାମୀ ଉଚ୍ଚ ବିଦ୍ୟାଳୟ, ବାଇବାଲିର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ଭଞ୍ଜନଗର ସୋମନାଥ ସରକାରୀ ଅଭ୍ୟାସ ଉଚ୍ଚ ବିଦ୍ୟାଳୟ। ଏହି ଅବସରରେ ବିଡିଓ ଶଶୀ ଭୂଷଣ ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଲାଲ ସିଂ ସରପଞ୍ଚ ଶିବରାମ ସାହୁ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଡ଼. କୃତ୍ତିବାସ ବିଶ୍ୱାଳ, ପ୍ରାକ୍ତନ ଅଧ୍ୟାପକ ଡ଼. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମାଜସେବୀ ବିଷ୍ଣୁ ଚରଣ ପ୍ରଧାନ, ବିଦ୍ୟାଳୟର ସିଆରସିସି ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଅନୁପମ ବାନାର୍ଜୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ସାନଖେମୁଣ୍ଡିରେ ୪ଟି ସ୍ମାର୍ଟସ୍କୁଲ୍ ଲୋକାର୍ପିତ

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକର ୪ଟି ସ୍ମାର୍ଟ ସ୍କୁଲ୍‌କୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ ମୋଡ୍‌ରେ ଲୋକାର୍ପିତ କରିଛନ୍ତି। ସାନଖେମୁଣ୍ଡି ବ୍ଲକର ଟି.ଗୋବିନ୍ଦପୁର ପଞ୍ଚାୟତ ଆବାସିକ ବିଦ୍ୟାଳୟ, କଉଡ଼ିଆ ପଞ୍ଚାୟତ ଉନ୍ନତି ଉଚ୍ଚ ବିଦ୍ୟାଳୟ, ଦୟାନିଧିପୁର ପଞ୍ଚାୟତ ର ବଡିଆ ଉସ୍ତା ଗ୍ରାମର ଇନ୍ଦିରା ଉଚ୍ଚ ବିଦ୍ୟାଳୟ, ଗୌତମୀ ପଞ୍ଚାୟତ ଗୌତମୀ ବାଳକ ଉଚ୍ଚ ବିଦ୍ୟାଳୟକୁ ଉଦଘାଟନ କରାଯାଇଛି। ସ୍ମାର୍ଟସ୍କୁଲ୍ ଦ୍ୱାରା ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ଜ୍ଞାନର ବିକାଶ ହୋଇପାରିବେ ବୋଲି ସାନଖେମୁଣ୍ଡି ବିଡିଓ ଜୀତେନ୍ଦ୍ର କୁମାର ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଜନ ପ୍ରତିନିଧି ଉପସ୍ଥିତ ଥିଲେ।




## ରୂପାନ୍ତରିତ ହେଲା ବେଲଗୁଣ୍ଠାର ୬ ସ୍କୁଲ

**ବେଲଗୁଣ୍ଠା:** ବେଲଗୁଣ୍ଠା ବ୍ଲକରେ ୬ଟି ହାଇସ୍କୁଲ ରୂପାନ୍ତରିତ ହୋଇଛି। ସେଗୁଡ଼ିକ ମଧ୍ୟରେ ବେଲଗୁଣ୍ଠା ବାଳିକା ଉଚ୍ଚ ବିଦ୍ୟାଳୟ, କୋକଲୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଇଙ୍ଗିନାଠି ଯୁଗ ନିର୍ମାଣ ଉଚ୍ଚ ବିଦ୍ୟାଳୟ, ଡେଙ୍ଗାପଦର ଉଚ୍ଚ ବିଦ୍ୟାଳୟ, ବଡ଼ ଦୋଡ଼ଙ୍ଗା ମୋଡେଲ୍ ହାଇସ୍କୁଲ୍ ଏବଂ ଖଇରପୁଟି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରହିଛି। କାର୍ଯ୍ୟକ୍ରମରେ ବିଡିଓ ଭାରତୀ ଦେବୀ, ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ସମେତ ବହୁ ଲୋକପ୍ରତିନିଧି ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ ଉତ୍ସବ

**କୋଦଳା:** ବେଗୁନିଆପଡା ବ୍ଲକର ୯ଟି ରୂପାନ୍ତରିଣ ହାଇସ୍କୁଲକୁ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ବ୍ଲକର ବେଗୁନିଆପଡା, ମର୍ଦ୍ଦକୋଟି, କେ. ବରିଡା, ଦିଗାପଡା, ବେରୁହାଁବାଡ଼ି, ମଠ ସରସିଙ୍ଗ, ବୁରୁଝରୀ, ଚିଙ୍ଗୁଡ଼ିଖୋଲ, ମୁଣ୍ଡୁଳା ଗ୍ରାମର ହାଇସ୍କୁଲ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମକୁ ସଫଳତା କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ ସଜାଇବା ସହ ଏଲଇଡି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି।



କାର୍ଯ୍ୟକ୍ରମରେ ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନପ୍ରତିନିଧି, କନିଷ୍ଠ ଯନ୍ତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ଦୁର୍ଗମ ଅଞ୍ଚଳରେ ବୁଲିଲା ଅର୍ପଣ ରଥ




**ଖଜୁରୀପଡ଼ା,୧୧ା୧(ସମିସ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଦ୍ରୁକୁମ୍ପା ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିବା ସହ ମୁଠି ଚାଉଳ ଗ୍ରହଣ କରୁଛି। ଏହି କାର୍ଯ୍ୟକ୍ରମରେ ପିଇଓ ପ୍ରଭାକର ପ୍ରଧାନ, ଜିଆରଏସ ସଞ୍ଜିତ କୁମାର ପ୍ରଧାନ, ଜୟଚନ୍ଦ୍ର ଦଳଛତ୍ର, ସମାଜସେବି ମାନସ ମଲ୍ଲିକ ପ୍ରମୁଖ ଗୁଆ ଓ ମୁଠି ଚାଉଳ ଦେଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମହାପ୍ରଭୁଙ୍କ ଉଦେଶ୍ୟରେ ମୁଖ୍ୟମନ୍ତ୍ରୀ ନିଜେ ସେବାୟତଙ୍କୁ ଗୁଆ, ଅରୁଆ ଚାଉଳ ଦେଇ ସାରା ରାଜ୍ୟବାସୀ ଗୁଆ ଅରୁଆ ଚାଉଳ ଦାନ ପାଇଁ ଆହ୍ୱାନ ଦେଇଛନ୍ତି।

## ପଣ୍ଡିତ ଗୁରୁ ରଘୁନାଥଙ୍କୁ କଳାଶ୍ରୀ ସମ୍ମାନ



**ପାରଳାଖେମୁଣ୍ଡି,୧୧ା୧(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ପ୍ରସିଦ୍ଧ ସଂଗୀତ ଗୁରୁ ତଥା ପଣ୍ଡିତ ରଘୁନାଥ ପାତ୍ରଙ୍କୁ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିବା ମା’ ତାରାତାରିଣୀ ମହୋତ୍ସବ ଅବସରରେ ‘କଳାଶ୍ରୀ ସମ୍ମାନ’ରେ ସମ୍ମାନିତ କରାଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟର କୁଳପତି ଡ.ପ୍ରଫୁଲ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଗୁରୁ ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଗୁରୁ ଶିବରାମ ବାରିକ, ଡ. ଚନ୍ଦନ ଗନ୍ତାୟତ, ଅଭୟେନ୍ଦୁ ପଟ୍ଟନାୟକ, ପ୍ରଭାତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩

## ଭଞ୍ଜନଗର ଏନ୍‌ଏସି ଜାତୀୟସ୍ତରରେ ପଞ୍ଚମ ଓ ଓଡ଼ିଶାରେ ୧ନଂ ଘୋଷିତ

**ଭଞ୍ଜନଗର,୧୧ା୧(ସମିସ):** କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ ଅଭିଯାନରେ ଓଡ଼ିଶାରୁ ୧୬ଟି ସହରାଞ୍ଚଳ ଚୟନ ହୋଇଥିବା ବେଳେ ସେଥି ମଧ୍ୟରେ ଭଞ୍ଜନଗର ଏନ୍‌ଏସି ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟସ୍ତରରେ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଆର୍ବଜନାମୁକ୍ତ ସହର ଭାବେ ଭଞ୍ଜନଗର ଏନଏସି ଜାତୀୟ ସ୍ତରରେ ଚୟନ ହେବା ପରେ ରାଷ୍ଟ୍ରପତିଙ୍କ ନିକଟରୁ ଆଜି ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପରେ ପୁରସ୍କାର ବିତରଣ ଉତ୍ସବରେ ଭଞ୍ଜନଗର ଏନଏସି ନଗରପାଳ ଗୋପବନ୍ଧୁ ମହାପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ଓ ପରିମଳ ବିଭାଗ ଅଧିକାରୀ ଝଲକ କୁମାର ଦାସ ଯୋଗ ଦେଇଥିଲେ। ଏ ଅବସରରେ ୧୫ହଜାରରୁ ୨୫ହଜାର ଲୋକ ବସବାସ କରୁଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ସର୍ବ ଭାରତୀୟ ସ୍ତରରେ ସ୍ୱଚ୍ଛତା ଦୃଷ୍ଟିରୁ ଭଞ୍ଜନଗର ଏନଏସି ୬୭୭୬.୦୦ପଏଣ୍ଟ ପାଇ ୫ମ ସ୍ଥାନରେ ଥିବା ବେଳେ ଓଡ଼ିଶାରେ ଏହା ୧ନଂ ଥିବା ଘୋଷଣା କରାଯାଇଛି। ଭୁବନେଶ୍ୱର ଠାରେ ଏସମସ୍ତ ଏନଏସିକୁ ଆଗାମୀ ଦିନରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ଭଞ୍ଜନଗର ଏନଏସିର ସଫଳତା ପାଇଁ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଏନଏସିର ସମସ୍ତ କର୍ମଚାରୀ ଓ ଭଞ୍ଜନଗର ସହରର ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଛି।

## ଇଭିଏମ୍ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ




**ଫୁଲବାଣୀ,୧୧ା୧(ସମିସ):** ଫୁଲବାଣୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଇଭିଏମ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ଦୁଇ ମାସ ଧରି ଚାଲିବ। ଏହି ଅବସରରେ ସହକାରୀ ଜିଲ୍ଲାପାଳ ସୁମନ ଡୁଙ୍ଗ ଡୁଙ୍ଗ, ବିବେକାନନ୍ଦ ସାମଲ ଓ ମାନସ ରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ରଞ୍ଜିତା ଲେଙ୍କା, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଭୋଟର ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**ଆସିକା,୧୧ା୧(ସମିସ):** ଆସିକା ବ୍ଲକ ଅନ୍ତର୍ଗତ କେଶରା ପଲି ଛକ ନିକଟରେ ବୋଲର ସହ ସ୍କୁଟି ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କେଶରାପଲ୍ଲି ଗ୍ରାମର ସ୍ୱାଧୀନ ବିଷୋୟୀ(୨୪) ଏବଂ ଆହତ ଜଣକ ସେହି ଗ୍ରାମର ସାଗର ବିଷୋୟୀ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସ୍କୁଟି ଉପରେ ଦୁଇ ଜଣ ବସିଥିବା ବେଳେ ହଠାତ ଗୋଟେ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସ୍ୱାଧୀନଙ୍କ ମୃତ୍ୟୁ ଘଟିଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ତଦନ୍ତ ଆରମ୍ଭ କରିଛି।

## ରାଜ୍ୟପାଳଙ୍କ ଖଲ୍ଲିକୋଟ ଓ କୁକୁଡ଼ାଖଣ୍ଡି ଗସ୍ତ

# ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଲେ; ରାଷ୍ଟ୍ରପତିଙ୍କ କଥା କହିଲେ



**ଖଲ୍ଲିକୋଟ,୧୧ା୧(ସମିସ)**

ରାଜ୍ୟପାଳ ରଘୁବର ଦାସ ଆଜି ମଧ୍ୟାହ୍ନରେ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଡିମିରିଆ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ହିତାଧିକାରୀ ଶଶୀ ମୁଦୁଲି, ପଦ୍ମଚରଣ ମୁଦୁଲି, ସୁନିତା ମୁଦୁଲି ଓ ବୁଢ଼ୀ ମୁଦୁଲିଙ୍କ ଘରକୁ ଯାଇ ସେମାନଙ୍କ ସହ ସିଧାସଳଖ କଥା ହୋଇଥିଲେ। ଡିମିରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ପିଲାମାନେ ପାଠ ପଢ଼ି ଭବିଷ୍ୟତରେ କଣ ହେବାକୁ ଚାହୁଁଛନ୍ତି ସେ ବିଷୟରେ ପଚାରି ବୁଝିବା ସହ କୌଣସି ବି ପରିସ୍ଥିତି ଆସୁ ଅଧାରୁ ପାଠ ନ ଛାଡ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି ମାଟିର ଜଣେ ଆଦିବାସୀ ଝିଅ ନାନା ସଂଘର୍ଷ କରି ରାଇରଙ୍ଗପୁରରୁ ଭାରତର ରାଷ୍ଟ୍ରପତି ହେବା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ କହିଥିଲେ। ରାଜ୍ୟପାଳଙ୍କ ଡିମିରିଆ ଗସ୍ତ ସମୟରେ ଗଞ୍ଜାମ ଏସ୍‌ପି ଜଗମୋହନ ମିନା, ଏଡିଏମ ଲିନା କୁମାରୀ ଖେସ, ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା କୁମାରୀ ପଟ୍ଟନାୟକ, ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହନ୍ତ, ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ, ଡିମିରିଆ ସରପଞ୍ଚ ସବିତା କୁମାରୀ ଗୌଡ଼ ଏବଂ ସରପଞ୍ଚ ପ୍ରତିନିଧି ମନୋଜ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଓ ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।

**କୁକୁଡ଼ାଖଣ୍ଡି,୧୧ା୧(ସମିସ):** ରାଜ୍ୟପାଳ ରଘୁବର ଦାସ ଗୁରୁବାର ଅପରାହ୍ନରେ କୁକୁଡ଼ାଖଣ୍ଡି ଗସ୍ତ କରିଥିଲେ। ଏଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ଭେଟି ପଚାରି ବୁଝିବା ସହ ଆଲୋଚନା କରିଥିଲେ। ବିଭିନ୍ନ ଚାଷୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ରାସାୟନିକ ସାର ବ୍ୟବହାର ନକରି ପ୍ରାକୃତିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀମାନଙ୍କୁ ଉଦବୋଧନ ଦେଇଥିଲେ। ଚାଷୀମାନେ ରାଜ୍ୟପାଳଙ୍କୁ ସଫଳତାର କାହାଣୀ କହିଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଏସପି ଡ଼ା ସର୍ବଣା କୁମାର ବିବେକ ଏମ, ବ୍ଲକ ଅଧ୍ୟକ୍ଷ କାମାକ୍ଷାପ୍ରସାଦ ପାତ୍ର, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବିଡ଼ିଓ ପଲ୍ଲବୀ ସ୍ୱାଇଁ, ତହସିଲଦାର ସପନ କୁମାର ସାହୁ, ସଦର ଥାନା ଅଧିକାରୀ ଅନିତା ସାହୁ, ସରପଞ୍ଚ ବନ୍ଦନା ସେଠି ଏବଂ ୨୨ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକମାନେ ଉପସ୍ଥିତ ଥିଲେ।



### ବିଭିନ୍ନ ସ୍ଥାନରେ ବୁଲିଲା 'ଅର୍ପଣ ରଥ'

# 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ପୁରପଲ୍ଲୀ


ବାଲିଗୁଡ଼ା


ଜି.ଉଦୟଗିରି

**ବାଲିଗୁଡ଼ା,୧୧।୧(ସମିସ)**

ବାଲିଗୁଡା ଏନ୍‌ଏସିରେ ଗଡ଼ିଲା ଜୟ ଜଗନ୍ନାଥ ଅର୍ପଣ ରଥ। ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ସାଂସଦଙ୍କ ବାଲିଗୁଡା ପ୍ରତିନିଧି ଟୁନା ଦାସ, ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ଉପାଧ୍ୟକ୍ଷା ଶାନ୍ତି କୁମାରୀ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ ଓ ବାଲିଗୁଡା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅଜୟ ମହାରଣା ଏହି ରଥର ଶୁଭାରମ୍ଭ କରିଥିଲେ। ବାଲିଗୁଡା ପୂର୍ବତନ ବିଧାୟକ ରାଜୀବ ପାତ୍ର, ଏନଏସି ଉପାଧ୍ୟକ୍ଷା ଶାନ୍ତି ନାୟକ, କାଉନସିଲର, ଏନଏସି ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ।

**ଖଜୁରୀପଡ଼ା:** ଖଜୁରୀପଡ଼ା ବ୍ଲକରେ ଅର୍ପଣ ରଥ ଗାଁକୁ ଗାଁ ବୁଲି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସଂପର୍କରେ ଲୋକଙ୍କୁ ସଚେତନ କରିବା ସହ ଚାଉଳ ସଂଗ୍ରହ କରୁଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅମ୍ବିକା କହଁର, ସମିତି ସଭ୍ୟ ବିବାନ୍ କୁମାର୍ ଗଣ୍ଡା, ନାଏବ ସରପଞ୍ଚ ବିଳାସିନୀ ସାହାଣୀ ପ୍ରମୁଖ ଗୁଆ ଓ ଚାଉଳ ଦେଇଛନ୍ତି। ଅର୍ପଣ ରଥ ପ୍ରତ୍ୟେକ ପଞ୍ଚାୟତରେ ଥିବା ଗାଁକୁ ଗାଁ ବୁଲି ଗୁଆ ଓ ଅରୁଆ ଚାଉଳ ଲୋକଙ୍କଠାରୁ ସଂଗ୍ରହ କରିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାରା ରାଜ୍ୟବାସୀ ଗୁଆ ଓ ଅରୁଆ ଚାଉଳ ଅର୍ପଣ କରୁଛନ୍ତି।


ରାୟଗଡ଼


ଖଜୁରୀପଡ଼ା

**ରାୟଗଡ଼:** ରାୟଗଡ଼ ଗ୍ରାମରେ ସାହି ସାହିରେ ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ରଥ ବୁଲିଛି। ଜଗନ୍ନାଥ ମନ୍ଦିରରୁ ରଥ ବାହାରିଥିବାବେଳେ ମଝିସାହି, ବିଶୋୟୀ ସାହି, କୁମ୍ଭାର ସାହି, ଓଡ଼ିଆ ସାହି, ବଢ଼େଇ ସାହି, ଗଉଡ ସାହି, ହେଣ୍ଡିଆ ସାହି, ଆଦର୍ଶ ନଗର ଏବଂ ବଜାର ଛକର ପ୍ରତି ଘରକୁ ଯାଇ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଗୁଆ ଓ ଚାଉଳ ସଂଗ୍ରହ କରିଥିଲେ। ବିଡିଓ ସୁଧୀର କୁମାର ସିଂ, ଟିଡିସିସି ଡାଇରେକ୍ଟର ଅନ୍ତର୍ଯ୍ୟାମୀ ଗମାଙ୍ଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ସିଡିପିଓ ତେରେସ୍କୋଭା ମଲ୍ଲିକ, ସରପଞ୍ଚ ସୁଷମା ଶବର, ସମିତି ସଭ୍ୟା ଗୋଲରୁ ଶୋଭାରାଣୀ, ସାନତୁଣ୍ଡି ସରପଞ୍ଚ ସଂଘମିତ୍ରା ଶବର, ମାର୍ଲବା ସରପଞ୍ଚ ଜଳନ୍ଧର କାର୍ଯୀଙ୍କ ସମେତ ସ୍ଥାନୀୟ ଜଗନ୍ନାଥ ମନ୍ଦିରର ପରିଚାଳନା କମିଟିର ପଦାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଅତିଥି ମାନଙ୍କୁ ଟିଡିସିସି ଡାଇରେକ୍ଟର ଅନ୍ତର୍ଯ୍ୟାମୀ ଗମାଙ୍ଗ ସମ୍ମାନିତ କରିଥିଲେ।

**ଜି.ଉଦୟଗିରି:** ଜି. ଉଦୟଗିରିରେ ଚତୁର୍ଥ ଦିନରେ ୫,୬,୧୧ ନମ୍ବର ୱାର୍ଡ ପରିକ୍ରମା କରିଛି ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ। କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି ତରଫରୁ ଉପାଧ୍ୟକ୍ଷ ସନ୍ତୋଷ ବାଘ, କାଉନସିଲର ସିଦ୍ଧେଶ୍ୱରୀ ନାୟକ, ସତ୍ୟପ୍ରକାଶ ମହାପାତ୍ର, ଗଣେଶ ଜେନାଙ୍କ ସହିତ ପୂର୍ବତନ କାଉନସିଲର ଦେବନାଥ ଦଳବେହେରା, ଶୁସିଳ ପାଣିଗ୍ରାହୀ ପ୍ରଭୃତି ସାମିଲ ହୋଇଥିଲେ।

## ଡମ୍ବାଳ କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ

**ରାୟଗଡ଼,୧୧।୧(ସମିସ):** ଡମ୍ବାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଟିଡିସିସି ଡାଇରେକ୍ଟର ଅନ୍ତର୍ଯ୍ୟାମୀ ଗମାଙ୍ଗ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗଦେଇଥିଲେ। ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଗେନ୍ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପୀତାମ୍ବର ନାୟକ, ସରପଞ୍ଚ ବିଶ୍ୱ ଭୂୟାଁ, ସୁନୀଲ କୁମାର କାର୍ଯୀ, ସିଆରସିସି ନୀଳକଣ୍ଠ ରଇତ, ୱାର୍ଡ ସଭ୍ୟ ସମ୍ବର ରାଇକ, ମଣ୍ଡଳୀ ସଭାପତି ଫିଲିପ ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଅମ୍ବିକା ପ୍ରସାଦ ସେଠୀ, ରାଜେଶ ରଞ୍ଜନ ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## 'ନୂଆ-ଓ' କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କାଶୀନଗର,୧୧।୧(ସମିସ):** କାଶୀନଗରଠାରେ ଚାଲିଥିବା "ନୂଆ-ଓ' 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କାଶୀନଗର ବ୍ଲକର ସମସ୍ତ ପଞ୍ଚାୟତ ଓ କାଶୀନଗର ଏନ୍‌ଏସିର ଯୁବପିଢ଼ି ଯୋଗ ଦେଇଥିଲେ। ବିଡିଓ ଅନୁପ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ମଞ୍ଚାସୀନ ଅତିଥି ଭାବେ ଜୋନ୍ ନଂ ୧ ଜିଲ୍ଲା ପରିଷଦ ସଦସ୍ୟା ଆର. ରାଜଲକ୍ଷ୍ମୀ, ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତି, ଏନ୍‌ଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ବ୍ଲକ ଉପାଧ୍ୟକ୍ଷା ଏସ.କଲ୍ୟାଣୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ରଖିଥିବା ଦଳମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




## ଏସ୍‌ଏସ୍‌ଡି ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ




**ପାରଳାଖେମୁଣ୍ଡି,୧୧।୧(ସମିସ):** ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଠାରେ ଥିବା ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସିଏଚ୍. ଗୀତାଞ୍ଜଳୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ସଚ୍ଚିଦାନନ୍ଦ ପୃଷ୍ଟି, ମୁଖ୍ୟବକ୍ତା ସୁରେଶ ସାହୁକାର, ଅନ୍ୟତମ ଅତିଥି ବାବେ ଜିଲ୍ଲା ପରିଷଦ ସଦସ୍ୟ ପିତାମ୍ବର ନାୟକ, ସରପଞ୍ଚ ସନ୍ୟାସୀ ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଜଗନ୍ନାଥ ଭୂୟାଁ, ଏସଏସଡି ସଦସ୍ୟ ସନ୍ୟାସୀ କାର୍ଯୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦ ଯଥା ରମେଶ ଶବର, ଭାସ୍କର ଶବର, ସୂର୍ଯ୍ୟନାରାୟଣ ପ୍ରଧାନ, ଜଗନ୍ନାଥ ରାଓ ଏବଂ ସାମ୍ବାଦିକ କୁଞ୍ଜବିହାରୀ ବଡକୁମର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁନୀଲ କୁମାର ନାୟକ, ପ୍ରକାଶ ପାତ୍ର, କରୁଣାନିଧି ପଟ୍ଟନାୟକ, ଲୋକନାଥ ମାନ୍ଧି, ଫିରଜ ଖାନ୍ ପ୍ରମୁଖ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଲବାଣୀ ପ୍ରେସ୍ କ୍ଲବ ନିର୍ବାଚନ




**ଫୁଲବାଣୀ,୧୧।୧(ସମିସ):** ଜିଲ୍ଲା ପ୍ରେସ କ୍ଲବ୍ ଫୁଲବାଣୀର ଦ୍ୱିବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ପୁନର୍ବାର ସୂନୀଲ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ ପରିଡ଼ା, ଉପସଭାପତି ସୂର୍ଯ୍ୟନାରାୟଣ ବେହେରା ଓ ବିମଳ ନାୟକ, ସାଧାରଣ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧି, ସହସମ୍ପାଦକ ଭାବେ ଜୟସେନ୍ ପରିଡା ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସାମ୍ବାଦିକ ବିଜୟ ମହାନ୍ତି ନିର୍ବାଚନ ପରିଚାଳନା କରିଥିବା ବେଳେ ତାଙ୍କ ସହଯୋଗୀ ଭାବେ ସନ୍ତୋଷ ଡିଗଲ ସହାୟତା କରିଥିଲେ। ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମ୍ମିଳନୀ

**ଟିକାବାଲି,୧୧।୧(ସମିସ):** ଟିକାବାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ବ୍ଲକସ୍ତରୀୟ ଚତୁର୍ଥ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ ଅଧ୍ୟକ୍ଷତା କରିଥିଲେ। ଏହାସହ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ୍ୱର କହଁର, ପ୍ରଦୀପ୍ତ ନାୟକ ଓ ବିନୋଦିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ଶିକ୍ଷକ ରାଜ କୁମାର ସାହୁ ଓ ରାଧାଶ୍ୟାମ ଦାଶ ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟତଃ ବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ ଓ ଅଣ ଶୈକ୍ଷିକ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସୁନୀଲ କୁମାର ମୋହିନୀ, ବିପିନ ବିହାରୀ ନାୟକ, ସୁଧାରାଣୀ ସାହୁଙ୍କ ସହ ଟିକାବାଲି ବ୍ଲକ ଅନ୍ତର୍ଭୁକ୍ତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଅଟୋ ଓଲଟି ୮ ଆହତ

**ମୋହନା,୧୧।୧(ସମିସ):** ମୋହନା ଥାନା ଲୁଦୁପଙ୍କା ଛକ ନିକଟରେ ଏକ ଯାତ୍ରୀବାହି ଅଟୋ ଓଲଟି ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଗୁରୁବାର ମୋହନାରେ କୁଇ ଆଦିବାସୀଙ୍କ ସମାବେଶ ଥିଲା। ଏଥିରେ ରାଲଦିପଙ୍କା ଏବଂ ଘୋଡାପଙ୍କା ଗ୍ରାମବାସୀ ଯୋଗଦେଇ ଏକ ଅଟୋରେ ଗ୍ରାମକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିବା ଜଣାପଡିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଆତ୍ମରକ୍ଷା ତାଲିମ ଶିବିର




**ଟିକାବାଲି,୧୧।୧(ସମିସ):** ଟିକାବାଲି, ଏଏମସିଏସ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଆତ୍ମରକ୍ଷା କୌଶଳ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କୁମାର କହଁର, ମୁଖ୍ୟବକ୍ତା ଶଙ୍କରାଖୋଲ କଲେଜ ଅଧ୍ୟକ୍ଷ ଡ଼ ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶଙ୍କରାଖୋଲ ସରପଞ୍ଚ ଜାନକୀ ପ୍ରଧାନ, ପୂର୍ବତନ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଅନିରୁଦ୍ଧ ପ୍ରଧାନ, ଅଧ୍ୟାପକ ବିଷ୍ଣୁପ୍ରସାଦ ରଥ, ବନମାଳି ବେହେରା, ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ ଆତ୍ମରକ୍ଷା କୌଶଳର ଉପକାରିତା ଉପରେ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର ଛାତ୍ରୀ ଅଞ୍ଜଳି କହଁର ଓ ଜ୍ୟୋତିର୍ମୟୀ ପ୍ରଧାନ ପ୍ରଶିକ୍ଷଣ ଦେବେ। ସଂଯୋଜକ ଅଧ୍ୟାପକ ନରେନ୍ଦ୍ର ଦିଗାଲ ପରିଚାଳନା କରିବେ। ଅଧ୍ୟାପକ ସୂରଜ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପବାଚସ୍ପତିଙ୍କୁ ବିପୁଳ ସମ୍ବର୍ଦ୍ଧନା




**ଦାରିଙ୍ଗବାଡ଼ି,୧୧।୧(ସମିସ):** ଉପବାଚସ୍ପତି ସାଲୁଗା ପ୍ରଧାନଙ୍କୁ ମା' ଠାକୁରାଣୀ ପୂଜା କମିଟି ଦାରିଙ୍ଗବାଡ଼ି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ଦୀପକ କୁମାର ସାହୁ, ବ୍ଲକ ବରିଷ୍ଠ ରାଜସ୍ୱ ସହାୟକ ବିଭୂତି ଭୂଷଣ ସାହୁ, ରମାକାନ୍ତ ମାଝୀ, ସମାଜସେବୀ ସନ୍ତୋଷ ବିଷୋଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ପୂଜା କମିଟି ସଭାପତି ଲଡୁକିଶୋର ସାହୁ, ସମ୍ପାଦକ ଭଗବାନ (ଟିଲୁ) ସାହୁ, ମଣ୍ଟୁ ସାହୁ, ଅବନୀ ସାହୁ, ସିତୁ ସାହୁ, ଟିଙ୍କୁ ମିଶ୍ର, ଟିଲୁ ସାହୁ, ବାବୁଲି ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସାଢ଼େ ୬ କୋଟିର ଗଞ୍ଜେଇ ଗଛ ନଷ୍ଟ



**ଫିରିଙ୍ଗିଆ,୧୧।୧(ସମିସ):** ପୁଲିସ ପକ୍ଷରୁ ଫିରିଙ୍ଗିଆ ଥାନା ନୂଆପଦର ପଞ୍ଚାୟତର କରିକାମ୍ବା, କଲାସପଦର, ଜୁରୁଡ଼ି, ପଟକିଲୁ ଗାଁ ନିକଟରେ ଥିବା ଜଙ୍ଗଲ ମାନଙ୍କରେ ଚଢ଼ଉ କରାଯାଇ ପ୍ରାୟ ୬୪ ଏକର ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛଗୁଡ଼ିକୁ କାଟି ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୬ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ଅନ୍ୟପଟେ ଏହି ଗଞ୍ଜେଇ କଟାକୁ ନେଇ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗୁରୁବାର ଏହି ଅଭିଯାନରେ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ବିକାଶ କୁମାର ଜାଳି, ଏଏସ୍‌ଆଇ ଶ୍ରୀକାନ୍ତ ପାତ୍ର, ପ୍ରମୋଦ କୁମାର ପ୍ରଧାନ, ଏଏସ୍‌ଆଇଙ୍କ ସହ ଥାନାରେ ସମସ୍ତ ହୋମଗାର୍ଡ, ଆଇଆରବି ଯବାନ ଓ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ଅନାମିକା ପାଣ୍ଡେ ସାମିଲ ହୋଇଥିଲେ।

## କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ



**ଫୁଲବାଣୀ,୧୧।୧(ସମିସ):** ସ୍ଥାନୀୟ କରୋନେସନ ପଡ଼ିଆରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ମେଡିଶିନାଲ ପ୍ଲାଣ୍ଟ ବୋର୍ଡ ଏବଂ ଫୁଲବାଣୀ ବନଖଣ୍ଡ ଆନୁକୂଲ୍ୟରେ ଅନୁଷ୍ଠିତ ମେଳାକୁ ରାଜ୍ୟ ମେଡିଶିନାଲ ପ୍ଲାଣ୍ଟସ୍ ବୋର୍ଡର ମୁଖ୍ୟ ନିର୍ବାହୀ ସୁଦୀପ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୁର୍ବେଦ ହେଉଛି ପ୍ରାଚୀନ ଚିକିତ୍ସା ପଦ୍ଧତି, ସବୁ ଚିକିତ୍ସା ଏହି ଠାରୁ ହିଁ ଆସିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସର୍କଲ ଆଞ୍ଚଳିକ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ବାଲିଗୁଡା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଫୁଲବାଣୀ କେନ୍ଦୁଲିଫ ଡିଏଫ୍‌ଓ ସୁଦର୍ଶନ ବଡି, ଜି. ଉଦୟଗିରି ଡିସିଏଫ୍ ଦିବାକର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ ପୌରୋହିତ୍ୟ କରିଥିଲେ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ।

## କୁଇ କନ୍ଧ ଉନ୍ନୟନ ସମିତିର ବିଶାଳ ସମାବେଶ

**ମୋହନା,୧୧।୧(ସମିସ)**

ମୋହନାରେ କୁଇ କନ୍ଧ ଉନ୍ନୟନ ସମିତିର ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଜିଲ୍ଲାର ବିଭିନ୍ନ ବ୍ଲକରୁ ହଜାର ହଜାର କୁଇ ଆଦିବାସୀ ମୋହନା କଲେଜ ଛକରେ ଏକତ୍ରିତ ହୋଇଥିଲେ। ସେଠାରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଶୋଭାଯାତ୍ରାରେ ବାହାରି ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରେ ଜିଲ୍ଲା ସଭାପତି ହରି ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ କୁଇ ଆଦିବାସୀଙ୍କ ୧୨ ଦଫା ଦାବି ଉପସ୍ଥାପନ କରାଯାଇଛି। ଦାବି ପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଉଛନ୍ତି ଆଦିବାସି ନେତା।



ମୁଖ୍ୟ ଅତିଥି ଭାବେ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ ଯୋଗଦେଇ ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ରହିଛି। ରାଜ୍ୟରେ ଯେତେସବୁ ଜନଜାତି ଅଛନ୍ତି ସମସ୍ତଙ୍କ ବିକାଶ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ଆଦିବାସୀଙ୍କ ଜମି ହସ୍ତାନ୍ତର ନିୟମ ପ୍ରତ୍ୟାହାର, ପେଶା ଆଇନ ଲାଗୁ, କୁଇ ଭାଷାକୁ ସରକାରୀ ମାନ୍ୟତା, କୁଇ କନ୍ଧ ଉନ୍ନୟନ ସମିତିର କାର୍ଯ୍ୟାଳୟ ସ୍ଥାପନ ଭଳି ୧୨ ଦଫା ଦାବି କରିଛନ୍ତି। ଏହି ସମାବେଶକୁ କୁଇ କନ୍ଧ ଉନ୍ନୟନ ସମିତିର ସଂପାଦକ ଦାଉଦ୍ ମଲିକ, ବରିଷ୍ଠ ନେତା ପ୍ରଶାନ୍ତ ମଲିକ, ବାଳକୃଷ୍ଣ ମଲିକ, ଜକୋବ ମାଝୀ ପରିଚାଳନା କରିଥିଲେ। କନ୍ଧମାଳ, ରାୟଗଡା ଜିଲ୍ଲାର କୁଇ ଉନ୍ନୟନ ସମିତି ସଭାପତି, ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବରଙ୍କ ସମେତ ବହୁ ଆଦିବାସୀ ନେତା ଯୋଗଦେଇଥିଲେ।

ସକାଳ THE SAKALA
ଶୁକ୍ରବାର ୧୨ ଜାନୁଆରୀ ୨୦୨୪



## ସ୍ୱଚ୍ଛ ସହର ଭାବେ ପୁରସ୍କୃତ ହେଲା ଚିକିଟି ଏନ୍ଏସି

**ବ୍ରହ୍ମପୁର,୧୧।୧(ସମିସ):** ୧୫ ହଜାର ଜନସଂଖ୍ୟା ବିଶିଷ୍ଟ ସହର ମାନଙ୍କ ମଧ୍ୟରେ ଚିକିଟି ରାଜ୍ୟ ଓ ଇଷ୍ଟ ଜୋନର ସବୁଠାରୁ ସ୍ୱଚ୍ଛ ସହର ଭାବେ ପୁରସ୍କୃତ ହୋଇଛି। ଗୁରୁବାର ଦିଲ୍ଲୀଠାରେ କେନ୍ଦ୍ର ଓ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## ଦୁର୍ଘଟଣାରେ କୃଷ୍ଣସାର ମୃଗ ଆହତ

**ଆସିକା,୧୧।୧(ସମିସ):** ଆସିକା ବ୍ଲକ ଅନ୍ତର୍ଗତ କଲେଜ ଛକ ନିକଟସ୍ଥ ଡିପଲ ସ୍କୁଲ ନିକଟରେ ରାସ୍ତା ପାର ହେଉଥିବାବେଳେ ବସ ଧକ୍କାରେ ପାଞ୍ଚ ବର୍ଷର ଅଣ୍ଡିରା କୃଷ୍ଣ ସାର ମୃଗ ଆହତ ହୋଇଛି। ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତ କୃଷ୍ଣ ସାର ମୃଗକୁ ଉଦ୍ଧାର କରି ଚିକିତ୍ସା କରାଥିବାବେଳେ ମୃଗଟି ସୁସ୍ଥ ଥିବା ଜଣାପଡ଼ିଛି।

## ବେଆଇନ ବାଣ ତିଆରି, ଜଣେ ଗିରଫ

**ପାତ୍ରପୁର,୧୧।୧(ସମିସ):** ଗତ ୨୮ ତାରିଖରେ ଜରଡା ଥାନା ପୋଲିସ ପକ୍ଷରୁ ସବଦେଇପେଟା ଗ୍ରାମରେ ବେଆଇନ ବାଣ ଓ ଦେଶୀ ବୋମା ତିଆରି ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସବଦେଇପେଟା ଗ୍ରାମର ବି. ବାସୁ ଓ ବି. ପ୍ରସାଦ ବାଣ ତିଆରି କରୁଥିବା ବେଳେ ଜରଡା ଥାନା ପୁଲିସ ପକ୍ଷରୁ ଏକ ଟିମ୍ ଚଢାଉ କରି ବିପୁଳ ଅଫୁଟା ବାଣ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ୨ଜଣ ଫେରାର ହୋଇଯାଇଥିଲେ। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିବା ବେଳେ ବି. ବାସୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏବେ ମଧ ବି. ବାସୁଙ୍କ ପୁଅ ବି. ପ୍ରସାଦ ଫେରାର ଥିବାବେଳେ ବେଆଇନ ଭାବେ ବାଣ ଓ ଦେଶୀ ବୋମା ତିଆରି ବିଭିନ୍ନ ଅଞ୍ଚଳକୁ ଯୋଗାଉଥିବା ଓ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଜରଡା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

## ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ମୌସୁମୀ




**ରାଇକିଆ,୧୧।୧(ସମିସ):** ରାଇକିଆ ବ୍ଲକ ସୁଗଡବଡି ହାଇସ୍କୁଲ୍‌ର ଛାତ୍ରୀ ମୌସୁମୀ ନାୟକ କୋଲକାତାରେ ଅନୁଷ୍ଠିତ ଜାତୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ନଭେମ୍ବର ମାସରେ ସୁଗଡବାଡି ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସ୍ମାର୍ଟ ବ୍ଲାଇଣ୍ଡ ଷ୍ଟିକ୍ ପ୍ରକଳ୍ପ ପ୍ରଦର୍ଶିତ କରି କୃତିତ୍ୱ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟ ଏବଂ ଜାତୀୟସ୍ତର ପାଇଁ ମନୋନୀତ ହୋଇଥିଲେ। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ଯାତ୍ରୀ ବିଶ୍ରାମାଗାର ଭାଙ୍ଗିଲେ ଦୁର୍ବୃତ୍ତ

**ଦିଗପହଣ୍ଡି,୧୧।୧(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ପଞ୍ଚାୟତ ସିନ୍ଧୁଖାଳି ଗ୍ରାମ ଛକରେ ରାଜ୍ୟ ସରକାରଙ୍କ ଅନୁମୋଦନରେ ଚାଲିଥିବା ଯାତ୍ରୀ ବିଶ୍ରାମାଗାର ନିର୍ମାଣଧୀନ କାର୍ଯ୍ୟକୁ ବୁଧବାର ରାତିରେ କିଛି ଦୁର୍ବୃର୍ତ୍ତ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏନେଇ କେ . ନୂଆଗାଁ ଥାନାରେ ଏତଲା ହୋଇଥିବା ଜଣାପଡିଛି। ଉକ୍ତ ଛକରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ କାର୍ଯ୍ୟ ଚାଲିଥିଲା । ତେବେ କିଛି ଦୁର୍ବୃର୍ତ୍ତ ଏହାକୁ ଭଙ୍ଗାରୁଜା କରିଥିବା ସକାଳୁ ଗ୍ରାମବାସୀ ଦେଖିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ପୃଥକ ରେଳଧାରଣାରୁ ଦୁଇ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୧୧।୧(ସମିସ):** ସ୍ଥାନୀୟ ଗିରିସୋଲା ନିକଟସ୍ଥ ରେଳ ଧାରଣାରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜିଆରପି ପୁଲିସ ଗୁରୁବାର ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ଆନୁମାନିକ ୫୦ ବର୍ଷ ହେବ ବୋଲି ପୁଲିସ ଅନୁମାନ କରୁଛି। ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଚଳନ୍ତା ଟ୍ରେନରୁ ଖସିପଡ଼ିଥିବା ପୁଲିସ ସନ୍ଦେହ କରୁଛି। ସେହିପରି ବୁଧବାର ଛତ୍ରପୁର -ଗଞ୍ଜାମ ମଧ୍ୟରେ ଥିବା ରେଳଧାରଣାରୁ ଜଣେ ଅଜଣା ଯୁବକଙ୍କ ମୃତ ଉଦ୍ଧାର କରିଛି। ଯୁବକ ଜଣକ ଟ୍ରେନ ଆସିବା ସମୟରେ ରେଳ ଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ଉପରୋକ୍ତ ଦୁଇଟି ମୃତଦେହ ଜବତ କରି ଏସଂକ୍ରାନ୍ତରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ଉକ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲର ବ୍ୟବଚ୍ଛେଦ ଗୃହକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତକଙ୍କ ପରିଚୟ ସ୍ୱଷ୍ଟ ପାଇଁ ମୃତଦେହ ସଂରକ୍ଷଣ ଗୃହରେ ତାହାକୁ ୪ଦିନ ଯାଏଁ ସଂରକ୍ଷିତ ଭାବେ ରଖାଯାଇଛି।

### ବିଦ୍ୟୁତ୍ ଚୋରି ବିରୋଧରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଦୃଢ଼ ପଦକ୍ଷେପ

# ଛତ୍ରପୁରରୁ ଧରାପଡ଼ିଲା ଅଭିନବ ମିଟର ଟାମ୍ପରିଂ

**ବ୍ରହ୍ମପୁର,୧୧।୧(ସମିସ)**

ବିଦ୍ୟୁତ ଚୋରିକୁ ଠାବ କରିବା ନେଇ ଟିପିଏସ୍ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍)ର ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଏହିକ୍ରମରେ ଛତ୍ରପୁର ଡିଭିଜନରେ ୧୫ରୁ ୨୦ଟି ମିଟର ଟାମ୍ପରିଂ ଘଟଣା ସାମ୍ନାକୁ ଆସିଛି। ଏହି ପ୍ରକାରର ଟାମ୍ପରିଂ ନୂଆ ହୋଇଥିବା ବେଳେ ଅଭିନବ ଉପାୟ ଅବଲମ୍ବନ କରାଯାଇ ବିଦ୍ୟୁତ ଚୋରି ହୋଇଛି। ମିଟର ଟାମ୍ପରିଂ ପାଇଁ ରିମୋଟ୍ ସର୍କିଟ ମାନୁପୁଲେସନ ପଦ୍ଧତିର ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ରିମୋଟ୍ ଯୋଗେ ଏଭଳି ବିଦ୍ୟୁତ ଚୋରି କରାଯାଉଛି। କିଛି ସ୍ଥାନରେ ଟାମ୍ପରିଂ ପାଇଁ ଚୁମ୍ବକର ବ୍ୟବହାର ମଧ ହେଉଛି। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଧରପଗଡ଼କୁ ଅଧିକ କଡାକଡି କରାଯାଇଛି। କମ୍ପାନୀର ଏନଫୋର୍ସମେଣ୍ଟ ଟିମ୍ ଜୋରସୋରରେ ଯାଞ୍ଚ ପ୍ରକ୍ରିୟା ଜାରି ରଖିଛନ୍ତି। ସିଧାସଳଖ ବିଦ୍ୟୁତ ଚୋରି, ମିଟର ଟାମ୍ପରିଂ, ମିଟର ବାଇପାସ ଓ ସମାନ୍ତରାଳ ହୁକିଙ୍ଗ ଭଳି ବିଦ୍ୟୁତ ଚୋରି ଉପରେ ଟିପିଏସ୍ଓଡିଏଲ୍ କଡା ନଜର ରହିଛି। ବିଜୁଳି ଚୋରି କରିବା ଫଳରେ ସାଧାରଣ ଓ ନିୟମିତ ଗ୍ରାହକ ହିଁ ପରୋକ୍ଷରେ ପ୍ରଭାବିତ ହୋଇ ଥାଆନ୍ତି। ଟିମର ଅଭିଜ୍ଞ କର୍ମଚାରୀମାନେ ଅତ୍ୟାଧୁନିକ ସରଞ୍ଜାମ ତଥା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ସବୁ ପ୍ରକାରର ବିଦ୍ୟୁତ ଚୋରିକୁ ଠାବ କରିବାରେ ସକ୍ଷମ ଅଟନ୍ତି। ଏଣୁ ବିଦ୍ୟୁତ ଚୋରି ଭଳି ବେଆଇନ କାର୍ଯ୍ୟକଳାପରେ ସାମିଲ ନେହେବା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ପରାମର୍ଶ ଦିଆଯାଉଛି। କୌଣସି ଉପଭୋକ୍ତା ବିଦ୍ୟୁତ ଚୋରି କରୁଥିବା ନେଇ ଧରା ପଡିଲେ ତାଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ପଡ଼ିବ। ଭାରତୀୟ ବୈଦ୍ୟୁତିକ ଅଧିନିୟମ - ୨୦୦୩ର ଧାରା ୧୩୫ ଅନୁଯାୟୀ, ବିଦ୍ୟୁତ ଚୋରି କରୁଥିବା ବ୍ୟକ୍ତି ବିଶେଷଙ୍କୁ ୩ ବର୍ଷ ପର୍ଯ୍ୟନ୍ତର କାରାଦଣ୍ଡ କିମ୍ବା ଜୋରିମାନା ଦେବାକୁ ପଡ଼ିପାରେ। ସେହିଭଳି କାରାଦଣ୍ଡ ଓ ଜରିମାନା ଉଭୟ ମଧ୍ୟ ଲାଗୁ ହୋଇପାରିବ ବୋଲି ଟିପିଏସଓଡ଼ିଲ ପକ୍ଷରୁ କୁହାଯାଇଛି। ଏହାସହ ବାରମ୍ବାର ବିଦ୍ୟୁତ ଚୋରି କରି ଧରାପଡ଼ିଲେ, କମ୍ପାନୀ ସମ୍ପୃକ୍ତ ଉପଭୋକ୍ତାଙ୍କୁ ବିଦ୍ୟୁତ ସେବାରୁ ମଧ ବଞ୍ଚିତ କରିପାରିବାର ପ୍ରାବଧାନ ରହିଛି। ଏଣୁ ବିଦ୍ୟୁତ ଚୋରିରୁ ନିବୃତ୍ତ ରହିବା ସହ ଦାୟତ୍ୱବାନ ଉପଭୋକ୍ତାର ଭୂମିକା ନିର୍ବାହ କରିବା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ନିବେଦନ କରାଯାଇଛି।




## ବୁଲିଲା ଜୟ ଜଗନ୍ନାଥ 'ଅର୍ପଣ ରଥ'



**ଛତ୍ରପୁର,୧୧।୧(ସମିସ):** ଛତ୍ରପୁର ଏନଏସିର ୩ ଓ ୬ନଂ ୱାର୍ଡରେ ଜୟ ଜଗନ୍ନାଥ ଅର୍ପଣ ରଥ ବୁଲି ଲୋକଙ୍କ ଠାରୁ ଗୁଆ ଓ ଚାଉଳ ସଂଗ୍ରହ କରିଛି । ପ୍ରଥମେ ଏନଏସିର ୬ ନଂ ୱାର୍ଡର ମା'ଠାକୁରାଣୀ ମନ୍ଦିର ନିକଟରେ କାଉନସିଲର ମମତା ପାତ୍ରଙ୍କ ସଂଯୋଜନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ପରେ ୩ ନଂ ୱାର୍ଡର ଲକ୍ଷ୍ମୀନୃସିଂହ ମନ୍ଦିର ନିକଟରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ ଓ ଯୁବ ନେତା ମିଟୁ ବେହେରାଙ୍କ ନେତୃତ୍ୱରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, କାଉନସିଲର ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ଅରୁନ୍ଧତୀ ରେଡ୍ଡୀ, ମମତା ପାତ୍ର, ଟି. ଗଣେଶ ରେଡ୍ଡୀ, ଅମରେଶ କୁମାର ମହାରଣା, ବି. ନିଶ୍ଚଳା, କେ. ରମେଶ, ସୁମନ୍ତ ନାହାକ, ଏମ ବାଣୀ ସେନାପତି, ଆଇନଜୀବୀ ପ୍ରଶାନ୍ତ ଶତପଥି ଓ ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତିଙ୍କ ସମେତ ବହୁ ଭଦ୍ର ବ୍ୟକ୍ତି ଏବଂ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ଥିଲେ।

## ଉପାନ୍ତ ଅଞ୍ଚଳରେ ଅର୍ପଣ ରଥ ପରିକ୍ରମା



**ବାଲିଗୁଡ଼ା,୧୧।୧(ସମିସ):** ବାଲିଗୁଡା ବ୍ଲକର ବାରଖମା ଓ ରେବିଙ୍ଗିଆ ପଞ୍ଚାୟତରେ ପରିକ୍ରମା କରିଛି ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ। ଏହି ପରିକ୍ରମାରେ ସାଂସଦ ପ୍ରତିନିଧି ଟୁନା ଦାସ, ବିଧାୟକ ଚକ୍ରମଣୀ କହଁର ଏବଂ ପର୍ଯ୍ୟବେକ୍ଷକ ଅଜୟ ମହାରଣା ଯୋଗଦେଇ ବାରଖମାର ପ୍ରତିଟି ସାହି ବୁଲିଥିଲେ । ଏହା ପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଦୁଇଟି ପଞ୍ଚାୟତର ସରପଞ୍ଚଙ୍କ ସହ ରେବିଙ୍ଗିଆ ପଞ୍ଚାୟତର ସମସ୍ତ ୱାର୍ଡ ପରିକ୍ରମା କରିଥିଲେ। ଅଚ୍ୟୁତାନନ୍ଦ ଜାନୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ପିଇଓ ରଥର ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଟିକାବାଲି,୧୧।୧(ସମିସ):** ଟିକାବାଲି ପଞ୍ଚାୟତ ସମିତି ଦ୍ୱାରା ପରିଚାଳିତ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଡିଓ ମନୋଜ ପାଢ଼ୀଙ୍କ ନେତୃତ୍ୱରେ ପରିଚାଳିତ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ଦୀପକ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ସଂଯୋଜକ ସୁଧାଂଶୁ ଶେଖର ବେହେରା ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ବାସୁଦେବ କହଁର, ପଞ୍ଚାନନ ପାଣିଗ୍ରାହୀ, ମନୋଜ କୁମାର ଭୋଳ ଏବଂ ବ୍ଲକର ସମସ୍ତ କର୍ମଚାରୀ କ୍ରୀଡ଼ା ପରିଚାଳନା କରିଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ସମ୍ବର୍ଦ୍ଧନା

**ଦିଗପହଣ୍ଡି,୧୧।୧(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱରଠାରେ 'ବିକଶିତ ଭାରତ ସଂକଳ୍ପ ଯାତ୍ରା' ରଥକୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବଙ୍କ ସଂଯୋଜନାରେ ଆୟୋଜିତ ସଂକଳ୍ପ ସମାବେଶରେ ରାଜ୍ୟସଭା ସାଂସଦ ଡା.କଳ୍ପନା ସାଇନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେପି ଜିଲ୍ଲା ସଭାପତି ଡା. ସୁବାସ ଚନ୍ଦ୍ର ସାହୁ, ଏବିଡିଓ ପ୍ରଶାନ୍ତ କୁମାର ରଥ, ସରପଞ୍ଚ ବିଜୟ କୁମାର ପ୍ରଧାନ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଇଂ. ଉତ୍ତମ କୁମାର ପାଣିଗ୍ରାହୀ, ମହନ୍ତ ଚିନ୍ମୟାନନ୍ଦ ମହାରାଜ, ଯୋଗୀ ଦେବଦତ୍ତ ମହାରାଜ, ଆଇନଜୀବୀ ପରେଶ ଚନ୍ଦ୍ର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ମହାମାୟୀ କିରାଣି ବଣିକ ସଂଘର ବାର୍ଷିକ ଉତ୍ସବ



**କବିସୂର୍ଯ୍ୟନଗର,୧୧।୧(ସମିସ):** କବିସୂର୍ଯ୍ୟନଗର ମହାମାୟୀ କିରାଣୀ ବଣିକ ସଂଘର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ କୋଠଘରେ ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟୀ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶତାଧିକ ବଣିକଙ୍କ ସ୍ୱୀକୃତି ପ୍ରଦାନରେ ସଭାପତି ଗଣେଶ ମହାନ୍ତି, ଉପସଭାପତି ଶିଶୁଗୋପାଳ ସାହୁ, ଗଙ୍ଗାଧର ପାତ୍ର ସମ୍ପାଦକ ଭାବେ, ଉପସମ୍ପାଦକ ଜୟରାମ ପାତ୍ର, କୋଷାଧ୍ୟକ୍ଷ ସଂଜୀବ ପାତ୍ର, ଉପଦେଷ୍ଟା ଶ୍ୱେତ ଦୋରା, ଭଗବାନ ସାହୁ, ପର୍ଶୁରାମ ସାହୁ, ପ୍ରଶାନ୍ତ କୁମାର ପାତ୍ର, ବରୁଣ ଚୌଧୁରୀ, ମୃତ୍ୟୁଞ୍ଜୟ ପାତ୍ର, ରାମମୂର୍ତ୍ତି ରେଡି, କରୁଣା ରେଡି, ଟୁଲୁ ପାତ୍ର ଓ ସୁରେଶ ଚନ୍ଦ୍ର ପାତ୍ର ସଦସ୍ୟ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଯୁବ ଦିବସ ଅବସରରେ ଶିଳ୍ପୀଙ୍କ ବାଲୁକା କଳା

### ମିଶନ ଶକ୍ତି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର, ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ବୁଲି ଦେଖିଲେ ରାଜ୍ୟପାଳ

# ମହିଳାଙ୍କ ଉଦ୍ୟମକୁ ପ୍ରଶଂସା; ଶୁଣିଲେ ସଂଘର୍ଷ ଓ ସଫଳତାର କାହାଣୀ

**ଛତ୍ରପୁର,୧୧।୧(ସମିସ)**



ରାଜ୍ୟପାଳ ରଘୁବର ଦାସ ଗୁରୁବାର ଅପରାହ୍ନରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡିସ୍ଥିତ ମିଶନଶକ୍ତି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଓ ମିଶନ ଶକ୍ତି ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ବୁଲି ଦେଖିଛନ୍ତି। ସେଠାରେ ଚାଲିଥିବା ବିଭିନ୍ନ ସାମଗ୍ରୀର ପ୍ରସ୍ତୁତି କାର୍ଯ୍ୟ ସେ ଦେଖିବା ସହିତ ମିଶନ ଶକ୍ତିର ମା' ମାନଙ୍କ ସହ ଆଲୋଚନା କରିଥିଲେ। ମିକ୍ସଚର, ଟମାଟୋ ଓ ଚିଲି ସସ୍, ଚିନା ବାଦାମରୁ ତେଲ ସହିତ ବିଭିନ୍ନ ସାମଗ୍ରୀ ଗୁଡିକୁ ମିଶନ ଶକ୍ତିର ମା' ମାନେ ପ୍ରସ୍ତୁତ କରୁଛନ୍ତି। ଏସବୁ କାର୍ଯ୍ୟ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ସରଞ୍ଜାମ ଗୁଡିକ ବୁଲି ଅନୁଧ୍ୟାନ କରିଥିଲେ ରାଜ୍ୟପାଳ। ପରେ ଆୟୋଜିତ ସଭାରେ ମିଶନ ଶକ୍ତି ମା'ମାନଙ୍କ ଏଭଳି ପ୍ରସ୍ତୁତି ଓ ପ୍ୟାକିଂକୁ ପ୍ରଶଂସା କରିଥିଲେ। ବର୍ତ୍ତମାନ ମହିଳାମାନେ ଆଗକୁ ଆସି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ମହିଳାମାନଙ୍କ ଅର୍ଥନୈତିକ ବ୍ୟବସ୍ଥା ସୁଦୃଢ଼ ହେଲେ ରାଜ୍ୟ ଓ ଦେଶ ସୁଦୃଢ଼ ହେବ ବୋଲି କହିଛନ୍ତି। ପରେ କାଳିଆବାଲି ଗ୍ରାମର ମିଶନ ଶକ୍ତିର ଏସ. ଜ୍ୟୋତି ରେଡ୍ଡୀ, ଅଗସ୍ତି ନୂଆଗାଁର କାଦାମ୍ବରୀ ଦାସ, ବଉଳଗାଁର ସଂଯୁକ୍ତା ସାହୁ ଓ ମାୟାପାଟଣା ଗ୍ରାମର ସିଏଚ ଦମୟନ୍ତୀ କିପରୀ ସେମାନେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି ଏବଂ ସେମାନଙ୍କୁ ବ୍ୟାଙ୍କଠାରୁ ଆରମ୍ଭ ପ୍ରଶାସନିକ ଅଧିକାରୀ ମାନେ ସହଯୋଗ କରିଛନ୍ତି। ସେ ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ରାଜ୍ୟପାଳ ଶ୍ରୀ ଦାସଙ୍କୁ ମିଶନ ଶକ୍ତି ମାନଙ୍କ ପକ୍ଷରୁ ଏକ ମୋମେଟ ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟକୁ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍ ସଂଯୋଜନା କରିଥିବା ବେଳେ ଗଞ୍ଜାମ ଜିଲ୍ଲାପରିଷଦର ଅତିରିକ୍ତ ସିଇଓ ପ୍ରତାପ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ଉପରେ କହିଥିଲେ। ଏହି ଅବସରରେ ଗଞ୍ଜାମ ଏସପି ଜଗମହୋନ ମୀନା, ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି , ଅତିରିକ୍ତ ଏସପି ଏସ. ବେହେରା, ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଓଡ଼ିଶା ଜିବୀକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ନବୀନ କୁମାର ସେନାପତି, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶାଶ୍ୱତ କୁମାର ସାହୁ, ଓରମାସର ଡେପୁଟି ସିଇଓ ସତ୍ୟ ସୁନ୍ଦର ପାଇତାଳ, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରର ଦାୟିତ୍ୱରେ ଥିବା ସ୍ୱର୍ଣ୍ଣ ସିଦ୍ଧା, ରାଧା ବଲ୍ଲଭ ଓ ଗାୟତ୍ରୀ ଉତ୍ପାଦକ ଗୋଷ୍ଠୀର ମା' ମାନଙ୍କ ସହିତ ଶତାଧିକ ମହିଳା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମା' ତାରାତାରିଣୀଙ୍କ ଦର୍ଶନକଲେ ରାଜ୍ୟପାଳ

### ● ଥାଲାସେମିଆ ଆକ୍ରାନ୍ତ ଶିଶୁକୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ

**ପୁରୁଷୋତ୍ତମପୁର,୧୧।୧(ସମିସ):** ରାଜ୍ୟପାଳ ରଘୁବର ଦାସ ଗୁରୁବାର ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ମା' ତାରାତାରିଣୀଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ରାଜ୍ୟପାଳଙ୍କୁ ମା'ଙ୍କ ନିକଟରେ ପୂଜା କରିବାରେ ପୂଜାରୀ ବାପୁଜୀ ରଣାଙ୍କ ସମେତ ସମସ୍ତ ସେବାୟତ ସହଯୋଗ କରିଥିଲେ। ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ମନ୍ଦିରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ବୁଲି ଦେଖିଥିଲେ। ଏହାସହ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ କଣ ସବୁ ସୁବିଧା ସୁଯୋଗ ରହିଛି ମନ୍ଦିର ବୁଲି ଦେଖିଥିଲେ। ମନ୍ଦିରର ସେବାୟତ ମାନଙ୍କ ସହ ମଧ ମାଙ୍କ ପୂଜାର୍ଚ୍ଚନା ଓ ମନ୍ଦିରର ବିଭିନ୍ନ କାର୍ଯ୍ୟକୁ ନେଇ ଦୀର୍ଘ ସମୟଧରି ଆଲୋଚନା କରିବା ପରେ ମନ୍ଦିର ଉନ୍ନତିକରଣ ଦେଖି ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିବା ପୂଜାରୀ କହିଛନ୍ତି। ମନ୍ଦିରରୁ ହୁମ୍ମା ଅଙ୍ଗନବାଡ଼ି କେନ୍ଦ୍ର ଅଭିମୁଖେ ବାହାରିଥିଲେ ରାଜ୍ୟପାଳ। ରାଜ୍ୟପାଳ ଆସିଥିବା ଖବରପାଇ ୧୧ବର୍ଷ ଥାଲାସେମିଆ ରୋଗରେ ଆକ୍ରାନ୍ତ ତନ୍ମୟ ବେହେରା ପୁରୁଷୋତ୍ତମପୁର ହାଡିସାହି ଛକ ନିକଟରେ ଛିଡ଼ା ହୋଇଥିଲେ। ରାଜ୍ୟପାଳ ହୁମା ଅଭିମୁଖେ ଯିବାବେଳେ ପିଲାଟି ଛିଡ଼ାହୋଇ ଥିବା ଦେଖି ଗାଡ଼ି ଅଟକାଇ ପିଲା ଓ ବାପା ସୁଦର୍ଶନଙ୍କ ସହ କଥାହୋଇ ଚିକିତ୍ସା ପାଇଁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ସମସ୍ତ ପ୍ରକାରର ଚିକିତ୍ସା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟପାଳଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ଏସ୍‌ଡିପିଓ ରଜନୀ କାନ୍ତ ସାମଲ, ବହୁ ପୁଲିସ ଅଧିକାରୀ ଓ ଉପଜିଲ୍ଲାପାଳ ଦେବବ୍ରତ ମହନ୍ତ, ବିଡିଓ ମନୋଜ କୁମାର ନାୟକଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ମନ୍ଦିରରେ ଉପସ୍ଥିତ ଥିଲେ।



